◆ Bhubaneswar, June 16-30, 2026
◆ ଭୁବନେଶ୍ୱର, ଜୁନ୍ ୧୬-୩୦, ୨୦୨୬
◆ Vol. -09 ◆ Issue -13
◆ ଭାଗ-୦୯ ◆ ସଂଖ୍ୟା-୧୩
◆ Rs. 2.00 /- ◆ Pages: 04
◆ ମୂଲ୍ୟ: ଟ୨.୦୦ ◆ପୃଷ୍ଠା ସଂଖ୍ୟା: ୦୪
◆ପାକ୍ଷିକ ◆FORTNIGHTLY

RNI Regd. No.: ODIODI/2017/74065
email: pratishabda7@gmail.com

# ପ୍ରତିଶବ୍ଦ
The Pratishabda

## ସୀମାରେ ଚୀନୀ କ୍ୟାମେରା ଲଗାଉଛି ନେପାଳ

ପିଥୋରାଗଡ : ଉତ୍ତରାଖଣ୍ଡକୁ ଲାଗିଥିବା ଭାରତ-ନେପାଳ ସୀମାରେ ନେପାଳ ସରକାର ଚୀନ୍ ନିର୍ମିତ ଥର୍ମାଲ କ୍ୟାମେରା ଲଗାଇବା ଆରମ୍ଭ କରିଛନ୍ତି । ଏହି କ୍ୟାମେରା ଭାରତୀୟ ସୀମା ଭିତରେ ୧୦ କି.ମି. ପର୍ଯ୍ୟନ୍ତ ସମସ୍ତ ଗତିବିଧିର ରେକର୍ଡିଂ କରିପାରିବ । କେବଳ ଏତିକି ନୁହେଁ, ନେପାଳ ଏହି କ୍ୟାମେରାର ସଂଚାଳନ ଲାଗି ଚୀନ୍ର ଇଣ୍ଟରନେଟ ନେଟୱର୍କ ମଧ୍ୟ ବ୍ୟବହାର କରିବ । ଏହାଦ୍ୱାରା ଭାରତର ସମ୍ବେଦନଶୀଳ ସୂଚନା ଚୀନ୍ ନିକଟରେ ପହଞ୍ଚିବାର ଆଶଙ୍କା ସୃଷ୍ଟି ହୋଇଛି ।

ଏହି କ୍ୟାମେରା ପ୍ରତିକୂଳ ପାଗ ଓ ରାତିରେ ମଧ୍ୟ ସମସ୍ତ ଗତିବିଧିର ରେକର୍ଡିଂ କରିବାରେ ସକ୍ଷମ । ଯେହେତୁ ଏହା ଚୀନ ନିର୍ମିତ କ୍ୟାମେରା ଓ ଚୀନ୍ ଇଣ୍ଟରନେଟରେ ଚାଲିବ, ତେଣୁ ଭାରତର ସମସ୍ତ ଗତିବିଧି ଚୀନ୍ ବାଟ ଦେଇ ନେପାଳକୁ ଯିବ । ତେଣୁ ଚୀନ୍ ସେଥିରୁ ସମ୍ବେଦନଶୀଳ ତଥା ଗୋପନ ତଥ୍ୟ ସଂଗ୍ରହ କରିବାର ଆଶଙ୍କା ରହିଛି ।

# ମୋଦୀଜୀଙ୍କ ସଂକଳ୍ପ ଭାରତର ବିକାଶ : ମୁଖ୍ୟମନ୍ତ୍ରୀ

(ଜୀତେନ୍ଦ୍ର ପତି)



ଭୁବନେଶ୍ୱର : କେନ୍ଦ୍ରରେ ମୋଦି ସରକାରଙ୍କ ୧୨ ବର୍ଷ ଏବଂ ତୃତୀୟ ପାଳିର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ କନଭେନ ସେଂଟରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ଉପଲବ୍ଧି ସମ୍ପର୍କରେ ସୂଚନା ଦେଇଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଜୁନ୍ ୯ ତାରିଖ ହେଉଛି ଆମ ଦେଶର ଗଣତାନ୍ତ୍ରିକ ଇତିହାସରେ ଏକ ସ୍ୱର୍ଣ୍ଣିମ, ଯୁଗାନ୍ତକାରୀ ତଥା ଅଭୂତପୂର୍ବ ଦିବସ । ୨୦୨୪ ମସିହା ଜୁନ ୯ରେ ହିଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ କ୍ରମାଗତ ଭାବେ ତୃତୀୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରି ଶାସନ ଭାର ସମ୍ଭାଳିଥିଲେ । ଆଜି କେନ୍ଦ୍ର ସରକାରଙ୍କ ନିରନ୍ତର, ସ୍ୱଚ୍ଛ ସେବା, ସୁଦୃଢ଼ ସୁଶାସନ ଓ ବ୍ୟାପକ ଗରିବ କଲ୍ୟାଣର ଅଭିଯାତ୍ରାର ୧୨ ବର୍ଷ ଏବଂ ତୃତୀୟ ପାଳିର ଦୁଇଟି ଅସାଧାରଣ, ସଫଳ ବର୍ଷ ପୂର୍ଣ୍ଣ ହୋଇଛି । ସବୁଠାରୁ ଗୌରବମୟ କଥା ହେଉଛି, ଜୁନ୍ ୧୧ ମୋଦୀଜୀ ଗଣତାନ୍ତ୍ରିକ ଭାବେ ନିର୍ବାଚିତ ଶାସନମୁଖ୍ୟ ଭାବେ ସର୍ବାଧିକ ସମୟ (୪,୩୯୯ ଦିନ) ସେବା କରିବାର ଏକ ଅଭୁତପୂର୍ବ, ନୂତନ ଜାତୀୟ କୀର୍ତିମାନ ସ୍ଥାପନ କରିବାକୁ ଯାଉଛନ୍ତି ।

ବିଗତ ଦୁଇ ବର୍ଷ ମଧ୍ୟରେ ସମଗ୍ର ବିଶ୍ୱ ଅନେକ ଭୂ-ରାଜନୈତିକ ଅସ୍ଥିରତା ଓ ଆହ୍ୱାନର ସମ୍ମୁଖୀନ ହୋଇଛି । କିନ୍ତୁ ମୋଦୀଜୀଙ୍କ ସଂକଳ୍ପବଦ୍ଧ ନେତୃତ୍ୱ ଯୋଗୁଁ ଭାରତର ବିକାଶ ରଥ ଅଟକି ନାହିଁ । ୨୦୨୦ର କୋଭିଡ୍ ମହାମାରୀ ସମୟରେ, ଯେତେବେଳେ ସାରା ବିଶ୍ୱର ଅର୍ଥନୀତି ଭାଙ୍ଗି ପଡ଼ିଥିଲା, ସେତେବେଳେ ଭାରତ ସ୍ୱଦେଶୀ ଭ୍ୟାକ୍ସିନ୍ ପ୍ରସ୍ତୁତ କରି ଜୁଲାଇ ୨୦୨୨ ସୁଦ୍ଧା ୨୦୦ କୋଟିରୁ ଅଧିକ ଡୋଜ୍ ର ମାଗଣା ଟୀକାକରଣ କରି ବିଶ୍ୱ ରେକର୍ଡ କରିଥିଲା । ମୋଦୀଜୀଙ୍କ ଦୂରଦୃଷ୍ଟି ଯୋଗୁଁ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତ ୭.୭ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରିଛି । ମୋଦୀ ସରକାରଙ୍କ ଏହି ସ୍ୱଷ୍ଟ ନୀତି ଯୋଗୁଁ ଆଜି ଶତ୍ରୁ ଦେଶ ଭାରତ ବିରୋଧରେ କୌଣସି ଦୁଃସାହସ କରିବା ପୂର୍ବରୁ ୧୦ ଥର ଭାବୁଛି । 'ଅପରେସନ ସିନ୍ଦୁର' ଏହାର ସବୁଠାରୁ ବଡ଼ ଉଦାହରଣ ।

ଭାରତ ଆଜି ଉଭୟ ଉର୍ଜା ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେଉଛି । ଯେଉଁ ଲକ୍ଷ୍ୟ ୨୦୩୦ ସୁଦ୍ଧା ହାସଲ ହେବାର ଥିଲା, ତାହାକୁ ଆମେ ୫ ବର୍ଷ ପୂର୍ବରୁ ଅର୍ଥାତ୍ ୨୦୨୫ ସୁଦ୍ଧା ହାସଲ କରିଛୁ ।

ଦେଶର ସମୁଦାୟ ବିଦ୍ୟୁତ୍ ଉତ୍ପାଦନ କ୍ଷମତାର ୫୦ ପ୍ରତିଶତରୁ ଅଧିକ (ପ୍ରାୟ ୨୬୭ ଗିଗା-ୱାଟ୍) ଏବେ ସୌର ଓ ବାୟୁ ଶକ୍ତି ଭଳି ଅକ୍ଷୟ ଶକ୍ତିରୁ ଆସୁଛି । ପେଟ୍ରୋଲିୟମ୍ ଆମଦାନୀ ପାଇଁ ପୂର୍ବରୁ ଆମେ ୨୭ଟି ଦେଶ ଉପରେ ନିର୍ଭର କରୁଥିବା ବେଳେ ଏବେ ୪୦ଟି ➲ପୃଷ୍ଠା-୪ ଦେଖନ୍ତୁ

## ନେହରୁଙ୍କ ରେକର୍ଡ଼ ଭାଙ୍ଗିଲେ ମୋଦି



ନୂଆଦିଲ୍ଲୀ : ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ରେକର୍ଡକୁ ପଛରେ ପକାଇ ଜୁନ୍ ୧୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ ଇତିହାସରେ ସବୁଠାରୁ ଦୀର୍ଘ ସମୟ ଧରି ଦାୟିତ୍ୱ ତୁଲାଇଥିବା ନିର୍ବାଚିତ ପ୍ରଧାନମନ୍ତ୍ରୀ ହେବାର ଗୌରବ ହାସଲ କରିଛନ୍ତି । ମୋଦୀ ପ୍ରଧାନମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟକାଳର ୧୨ ବର୍ଷ ପୂର୍ତ୍ତି ଅବସରରେ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଅନୁଷ୍ଠିତ ଏନ୍‌ଡିଏ କନକ୍ଲେଭ୍‌ରେ ଏନ୍‌ଡିଏ ନେତାମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି । ମୋଦୀ କହିଛନ୍ତି, ୧୨ ବର୍ଷରେ ଯଦି ଏତେ ସବୁକିଛି ହାସଲ କରିହେଲା ତେବେ ଏହାର ପୂର୍ବ ଦଶନ୍ଧି ଗୁଡିକରେ କାହିଁକି ହୋଇପାରିନଥିଲା । ଏହା ହିଁ କଂଗ୍ରେସ ଯୁଗର ବିକାଶ ଏବଂ ଏନ୍‌ଡିଏ ଯୁଗର ବିକାଶ ମଧ୍ୟରେ ପ୍ରଭେଦକୁ ଦର୍ଶାଉଛି । ଗୋଟିଏ ବ୍ୟବସ୍ଥା ଲୋକଙ୍କୁ ଅପେକ୍ଷା କରାଇଛି । କିନ୍ତୁ ବର୍ତ୍ତମାନର ବ୍ୟବସ୍ଥା ସିଧାସଳଖ ଲୋକଙ୍କୁ ଫଳ ପ୍ରଦାନ କରୁଛି ।

ମୋଦୀ କହିଛନ୍ତି, ୨୦୧୪ରୁ ୨୦୨୬ ପର୍ଯ୍ୟନ୍ତ କାହାଣୀ କେବଳ ଏକ ପରିସଂଖ୍ୟାନର କାହାଣୀ ନୁହେଁ । ବରଂ ଏହା ଏକ ଭାରତର କାହାଣୀ ଯାହା ପ୍ରଥମ ଥର ପାଇଁ ପୂର୍ଣ୍ଣ ସାମର୍ଥ୍ୟର ସହ ଦେଡିବା ଆରମ୍ଭ କରିଛି ଏବଂ ଏହା ମହତ୍ୱାକାଂକ୍ଷୀ ଲକ୍ଷ୍ୟ ରଖି ଏହାକୁ ପୂରଣ କରିବା ଦିଗରେ ଅକ୍ଳାନ୍ତ ଭାବେ କାମ କରୁଛି ।

# ବଢ଼ିବ ଦରଦାମ୍, କମିବ ବିକାଶ

ନୂଆଦିଲ୍ଲୀ: ଚଳିତ ଆର୍ଥିକବର୍ଷରେ ଅର୍ଥନୀତିକୁ ଡବଲ୍ ଝଟକା ଲାଗିବ । ଦେଶର ଅର୍ଥନୈତିକ ଅଭିବୃଦ୍ଧି କମିଯିବ ଏବଂ ଦରଦାମ ବଢ଼ିଯିବ । ବିଶେଷକରି ସରକାରଙ୍କ ପକ୍ଷରୁ ନିକଟରେ ପ୍ରକାଶିତ ରିପୋର୍ଟରେ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଦେଶର ଜିଡିପି ଅଭିବୃଦ୍ଧି ହାର ୭.୭ ପ୍ରତିଶତ ରହିଥିବା ନେଇ ଦର୍ଶାଯାଇଥିବାବେଳେ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ରିଜର୍ଭ ବ୍ୟାଙ୍କ ଦେଶର ଅଭିବୃଦ୍ଧି ଓ ମୁଦ୍ରାସ୍ଫୀତିକୁ ନେଇ କରିଥିବା ପୂର୍ବାନୁମାନ ଚିନ୍ତା ବଢ଼ାଇ ଦେଇଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ଭଳି ଭୂରାଜନୈତିକ ଅସ୍ଥିରତା, ଅଶୋଧିତ ତେଲଦର ଉଚ୍ଚସ୍ତରରେ ରହିବା ସହିତ ଏଲ୍‌ନିନୋ ଭାରତର ଅର୍ଥନୈତିକ ବିକାଶର ଗତିକୁ ମନ୍ଥର କରିବ । ୨୦୨୬-୨୭ ଆର୍ଥିକବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ୬.୯ ପ୍ରତିଶତ ରହିବ ବୋଲି ପୂର୍ବରୁ ରିଜର୍ଭ ବ୍ୟାଙ୍କ ପୂର୍ବାନୁମାନ କରିଥିବାବେଳେ ଆଜି ତାହା ୬.୬ ପ୍ରତିଶତକୁ ଖସିଯିବ ବୋଲି ଆକଳନ କରାଯାଇଛି । ସେହିଭଳି ଚଳିତ ଆର୍ଥିକବର୍ଷରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ୫ ପ୍ରତିଶତକୁ ଟପିଯିବ ବୋଲି ଦର୍ଶାଇଛି ।

ଚଳିତ ଆର୍ଥିକବର୍ଷର ଦ୍ୱିତୀୟ ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ରିପୋର୍ଟ ସାର୍ବଜନୀନ କରିବା ସମୟରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ ଦେଶର ବିକାଶର ଗତି ମନ୍ଥର ହୋଇଯିବ । ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୬.୬ ପ୍ରତିଶତକୁ ହ୍ରାସ ପାଇବ । ଯୁଦ୍ଧ ପାଇଁ ଏହା ନିଜର ପୂର୍ବ ଆକଳନ ହ୍ରାସ କରିବାକୁ ବାଧ୍ୟ ହୋଇଛି । ଅନ୍ୟ ପଟେ ଦରଦାମ୍ ମଧ୍ୟ ବେଲଗାମ ହୋଇପଡିବ ।




## ରିଜର୍ଭ ବ୍ୟାଙ୍କର ପୂର୍ବାନୁମାନ

ଖୁଚୁରା ମୁଦ୍ରାସ୍ଫୀତି ହାର ରିଜର୍ଭ ବ୍ୟାଙ୍କ ଧାର୍ଯ୍ୟ କରିଥିବା ୪ ପ୍ରତିଶତର ସୀମାରେଖା ଡେଇଁ ୫.୧ ପ୍ରତିଶତ ହୋଇଯିବ ବୋଲି ମଧ୍ୟ ଆକଳନ କରାଯାଇଛି ।

ଦରଦାମକୁ ଲଗାମ ଦେବା ପାଇଁ ରିଜର୍ଭ ବ୍ୟାଙ୍କ ରେପୋ ରେଟ୍ (ଯେଉଁ ହାରରେ ବାଣିଜ୍ୟିକ ବ୍ୟାଙ୍କଗୁଡିକ କେନ୍ଦ୍ରୀୟ ବ୍ୟାଙ୍କଠାରୁ ସ୍ୱଳ୍ପମିଆଦୀ ଋଣ ଆଣିଥାନ୍ତି) ବାଢ଼ିବ ବୋଲି ପୂର୍ବରୁ ବିଭିନ୍ନ ମହଲରେ କଳ୍ପନାଜଳ୍ପନା ପ୍ରକାଶ ପାଉଥିଲା । କିନ୍ତୁ ମୁଦ୍ରା ନୀତି କମିଟି ସର୍ବସମ୍ମତି କ୍ରମେ ଏହାକୁ ୫.୨୫ ପ୍ରତିଶତରେ ସ୍ଥିର ରଖିଥିବା ଶ୍ରୀ ମାଲହୋତ୍ରା ସୂଚନା ଦେଇଛନ୍ତି । ଶ୍ରୀ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଛଅ ଜଣିଆ ମୁଦ୍ରାନୀତି କମିଟି ବ୍ୟାପକ ମାନସମନ୍ଥନ କରିବା ପରେ ଏହି ନିଷ୍ପତ୍ତି ନେଇଛି । ଗଭର୍ଣ୍ଣରଙ୍କ ଏହି ଘୋଷଣା ଘର, ଗାଡି ଓ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ଋଣ ନେଇଥିବା ଗ୍ରାହକଙ୍କ ନିମନ୍ତେ ବଡ ଆଶ୍ୱସ୍ତି ଆଣିଛି । ସେମାନଙ୍କ ଋଣର ମାସିକ କିସ୍ତି ବା ଇଏମ୍‌ଆଇରେ ବର୍ତ୍ତମାନ କେଣସି ବୃଦ୍ଧି ସମ୍ଭାବନା ନାହିଁ ।

ଦେଶରୁ ଲାଗାତାର ଭାବେ ପାଣ୍ଠି ପ୍ରତ୍ୟାହାର କରୁଥିବା ବିଦେଶୀ ନିବେଶକମାନଙ୍କୁ ଶାନ୍ତ କରିବା ପାଇଁ ସରକାରଙ୍କ ପକ୍ଷରୁ ସରକାରୀ ପ୍ରତିଭୂତି ଉପରେ ବିଦେଶୀ ନିବେଶକମାନଙ୍କ ଲାଗି ଲଗାଯାଇଥିବା ଦୀର୍ଘକାଳୀନ ପୁଞ୍ଜି ଲାଭ ଟିକସକୁ ହଟାଇ ଦିଆଯାଇଛି । ଅଧିକ ବିଦେଶୀ ପାଣ୍ଠି ଆଣିବା ପଥକୁ ସୁଗମ କରିବା ପାଇଁ ଅଣପ୍ରବାସୀ ଭାରତୀୟ, ବିଦେଶରେ ରହୁଥିବା ଭାରତୀୟ ନାଗରିକମାନଙ୍କ ପାଇଁ ଇକ୍ୱିଟିରେ ନିବେଶ ସୀମାକୁ ବୃଦ୍ଧି କରାଯାଇଛି ।

# ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ବିଏମ୍‌ସିର ବ୍ୟାପକ ପଦକ୍ଷେପ

ଭୁବନେଶ୍ୱର : ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ ସର୍ବସାଧାରଣ, ବୁଲା ପଶୁ ପକ୍ଷୀଙ୍କ ସହ ପ୍ରକୃତିର ସୁରକ୍ଷା ପାଇଁ ମଧ୍ୟ ଉଦ୍ୟମ ଜାରି ରଖିଛି । ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ଲୋକମାନଙ୍କୁ ସୁରକ୍ଷା ଦେବା ପାଇଁ ବିଭିନ୍ନ ଟ୍ରାଫିକ୍ ଛକରେ ସ୍ୱତନ୍ତ୍ର ସ୍ଥାୟୀ ସେଡ୍ ନିର୍ମାଣ କରାଯାଇଛି । ଫଳରେ ପଥଚାରୀମାନେ ଟ୍ରାଫିକ୍ ଛକରେ ଖରା ଓ ବର୍ଷାରୁ ରକ୍ଷା ପାଇପାରିବେ । ଏଜି ଛକଠାରେ ଏହା ସଂପୂର୍ଣ୍ଣଭାବେ କାର୍ଯ୍ୟକ୍ଷମ ହୋଇସାରିଥିବା ବେଳେ ରୂପାଲୀ ଛକରେ ସେଡ୍ କାର୍ଯ୍ୟ ଚାଲୁରହିଛି । ସେହିପରି ବିଭିନ୍ନ ଅଂଚଳରୁ ଆସୁଥିବା ଲୋକେ କିମ୍ବା ବିଭିନ୍ନ ସ୍ଥାନକୁ ଯିବାପାଇଁ ବସ୍ ଷ୍ଟାଣ୍ଡରେ ଲୋକମାନଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି । ଫଳରେ ଲୋକମାନେ ଅସୁସ୍ଥତା ଅନୁଭବ କରୁଛନ୍ତି । ସେଥିରୁ ରକ୍ଷା ପାଇବା ପାଇଁ କଳ୍ପନା ଓ ଫାୟାରଷ୍ଟେସନ ଛକଠାରେ ଦୁଇଟି ଶୀତଳ ବିଶ୍ରାମ ସ୍ଥଳ ଖୋଲାଯାଇଛି । ଲୋକମାନେ ଏହିଠାରେ କିଛି ସମୟ ପାଇଁ ଆଶ୍ରୟ ନେଇ ଖରାରୁ ରକ୍ଷା ପାଇପାରିବେ । ଏହି ଶୀତଳ ବିଶ୍ରାମସ୍ଥଳଗୁଡିକୁ ଏସି ବଦଳରେ ବେଣା ଚେରଦ୍ୱାରା ଥଣ୍ଡା କରାଯାଉଛି । ଏହି ବିଶ୍ରାମ ସ୍ଥଳରେ କୁହୁଡି ସୃଷ୍ଟି କରିବା ଯନ୍ତ୍ର, ପେଭର ବ୍ଲକ ଫ୍ଲୋରିଂ, ଏକ କାଳିନ ୧୫ରୁ ୨୦ ଜଣ ବସିବା ପାଇଁ ଚେୟାର ବ୍ୟବସ୍ଥା ଆଦି କରାଯାଇଛି । ଯାହା ଫଳରେ ପରିବେଶ ସୁରକ୍ଷିତ ରହିବା ସହ ପ୍ରାକୃତିକ ଉପାୟରେ ଲୋକମାନେ ଥଣ୍ଡା ପବନ ପାଇପାରୁଛନ୍ତି । ଏହି ବେଣା ଚେରରେ ପାଣି ଦେବା ପାଇଁ ସ୍ୱତନ୍ତ୍ର ଭାବେ ଲୋକଙ୍କୁ ନିୟୋଜିତ କରାଯାଇଛି । ଭୁବନେଶ୍ୱର ରାଜ୍ୟର ରାଜଧାନୀ ହୋଇଥିବାରୁ ଏଠାକୁ ନୈନିକ ହଜାର ହଜାର ଲୋକ ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି । ସେମାନଙ୍କୁ ଥଣ୍ଡା ପାନୀୟ ଜଳ ଯୋଗାଇ ଦେବା ପାଇଁ ବିଏମ୍ ସି ପକ୍ଷରୁ ସହରର ୪୦ଟି ଜନ ଗହଳୀପୂର୍ଣ୍ଣସ୍ଥାନରେ ବି ଏମ୍ ସି - ଓରେଡ଼ାସୋଲାର ୱାଟର କିଓସ୍କ ସ୍ଥାପନ କରାଯାଇଅଛି । ଫଳରେ ଲୋକମାନେ ଏଠାରୁ ଥଣ୍ଡା ପାନୀୟ ଜଳ ପାଇପାରୁଛନ୍ତି । ଏହା ଦ୍ୱାରା ବିଦ୍ୟୁତ୍ ସଂଚୟ ହେବା ସହ ସୌରଶକ୍ତିର ସୁବିନିଯୋଗ କରାଯାଉଛି । ଅନ୍ୟପକ୍ଷରେ ପରିବେଷର ମଧ୍ୟ ସୁରାକ୍ଷା ହୋଇପାରୁଛି । କେବଳ ସେତିକି ନୁହେଁ, ବିଭିନ୍ନ ସ୍ଥାନରେ ଜଳଛତ୍ର ମଧ୍ୟ ଖୋଲାଯାଇ ଲୋକମାନଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଛି ।




କେବଳ ମଣିଷମାନଙ୍କ ପାଇଁ ନୁହେଁ, ବୁଲା ପଶୁ ପକ୍ଷୀଙ୍କ ପାଇଁ ମଧ୍ୟ ବିଭିନ୍ନ ସ୍ଥାନରେ ଜଳ ବ୍ୟବସ୍ଥା କରାଯାଇଛି । ବୁଲା ଗାଈଗୋରୁ, କୁକୁର, ବିରାଡି, ମାଙ୍କଡ ଆଦି ପଶୁମାନଙ୍କ ପାଇଁ ବିଭିନ୍ନସ୍ଥାନରେ କୁଣ୍ଡରେ ନିୟମିତ ପାଣି ରଖାଯାଉଥିବା ବେଳେ, ଚଢେଇମାନଙ୍କ ପାଇଁ ବିଭିନ୍ନ ଗଛ ଓ ସେମାନଙ୍କର ସମାଗମ ସ୍ଥାନରେ ଜଳ ବ୍ୟବସ୍ଥା କରାଯାଇଛି । ଏପରକି ଚଢେଇମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ବସା ତିଆରି କରି ଗଛଗୁଡିକରେ ରଖାଯାଉଛି । ଫଳରେ ଚଢେଇମାନେ ସେହିସବୁ ବସାରେ ଆଶ୍ରୟ ନେଉଛନ୍ତି । ଏହା ବ୍ୟତୀତ ବିଏମ୍ ସି ପାର୍କଗୁଡିକରେ ମଧ୍ୟ ପଶୁପକ୍ଷୀଙ୍କ ପାଇଁ ଜଳ ବ୍ୟବସ୍ଥା କରାଯାଇଛି ।

# ଅ-ତିଥିରେ ରଥଯାତ୍ରା ବନ୍ଦ କରାଯାଉ



ପୁରୀ : ଅ-ତିଥିରେ ରଥଯାତ୍ରା ଆୟୋଜନ ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ଉଦ୍‌ବେଗ ପ୍ରକାଶ କରିଛି । ବାରମ୍ବାର ଶାସ୍ତ୍ରଗତ ପ୍ରମାଣ ଦେବା ପରେ ମଧ୍ୟ ଇସ୍କନ୍ ମନମାନି ଚଳାଇଥିବାରୁ ଏନେଇ କ୍ଷୋଭ ଝାଡିଛନ୍ତି କମିଟି ସଦସ୍ୟ । ଏ ସଂକ୍ରାନ୍ତରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ତଥ୍ୟ ପ୍ରମାଣ ଆଧାରରେ ଅବଗତ କରାଇବାକୁ ପରିଚାଳନା କମିଟି ପରାମର୍ଶ ଦେଇଛି । ନୀଳାଦ୍ରି ବିଜେ ପରେ ଏକ ସ୍ୱତନ୍ତ୍ର ପ୍ରତିନିଧିମଣ୍ଡଳୀ ଉଭୟ ସରକାରଙ୍କୁ ଅବଗତ କରାଇବା ପାଇଁ ଭୁବନେଶ୍ୱର ଓ ଦିଲ୍ଲୀ ଯାତ୍ରା କରିବ ବୋଲି ଜଣାପଡିଛି ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜ ଦିବ୍ୟସିଂହ ଦେବ ଏ ସଂକ୍ରାନ୍ତରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି । ରାଷ୍ଟ୍ରମୁଖ୍ୟଙ୍କ ହସ୍ତକ୍ଷେପ ଲୋଡିଛନ୍ତି । ଦେଶ ବାହାରେ ଇସ୍କନ୍ ଆୟୋଜନ କରିଆସୁଥିବା ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ସମ୍ପର୍କରେ ଗତ ଏପ୍ରିଲ ମାସ ୨୦ ତାରିଖରେ ଗଜପତି ଅବଗତ କରାଇ ହସ୍ତକ୍ଷେପ ଲୋଡିଥିଲେ । ଗଜପତି ଉଲ୍ଲେଖ କରିଥିଲେ, ମହାପ୍ରଭୁଙ୍କ ରଥଯାତ୍ରା ନିର୍ଦ୍ଦିଷ୍ଟ ତିଥିରେ ପାରମ୍ପରିକ ବିଧିବିଧାନ ସହ ପାଳନ ହୋଇଥାଏ । ମାତ୍ର ଇସ୍କନ୍ ଦେଶ ବାହାରେ ବର୍ଷରେ ଯେକୌଣସି ସମୟରେ ରଥଯାତ୍ରା ଆୟୋଜନ କରି ଶାସ୍ତ୍ରୀୟ ବିଧି ବିଧାନକୁ ଉଲ୍ଲଂଘନ କରିଆସୁଛି । ଏହା ସମଗ୍ର ବିଶ୍ୱରେ ଅଗଣିତ ଭକ୍ତଙ୍କ ଭାବାବେଗକୁ କୁଠାରାଘାତ କରୁଛି । ପୂଜ୍ୟ ଶଙ୍କରାଚାର୍ଯ୍ୟ ଓ ବୈଷ୍ଣବାଚାର୍ଯ୍ୟ ମଧ୍ୟ ଶାସ୍ତ୍ରୀୟ ତିଥିକୁ ଉଲ୍ଲଂଘନ କରି ରଥଯାତ୍ରା ଆୟୋଜନକୁ ନିନ୍ଦା କରିଛନ୍ତି । ଇସ୍କନ୍ ଓ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ, ମାୟାପୁରସ୍ଥିତି ଇସ୍କନ୍ ହେଡକ୍ୱାର୍ଟର୍ ଗଭର୍ଣ୍ଣିଂ ବଡି କମିସନ ଚେୟାରମ୍ୟାନଙ୍କ ମଧ୍ୟରେ ଏ ସମ୍ପର୍କରେ ବାରମ୍ବାର ଆଲୋଚନା ହୋଇଛି । ପ୍ରତି ଉତ୍ତରରେ ଦେଶ ଭିତରେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ରଥଯାତ୍ରା ଆୟୋଜନ କରିବାକୁ ଇସ୍କନ ରାଜି ହୋଇଥିଲା ଅଥଚ ଦେଶ ବାହାରେ ଭିନ୍ନ ଭିନ୍ନ ସମୟରେ ରଥଯାତ୍ରା କରିବେ ବୋଲି କହିଛନ୍ତି ।

ଚଳିତ ବର୍ଷ ସମଗ୍ର ବିଶ୍ୱରେ ୭୦ ସହରରେ ମୂଳ ପୀଠର ବିଧିବିଧାନକୁ ଉଲ୍ଲଂଘନ କରି ଅ-ତିଥିରେ ରଥଯାତ୍ରା ଆୟୋଜନ କରଯାଉଛି । କେବଳ ରଥଯାତ୍ରା ନୁହେଁ ଇସ୍କନ୍ ପକ୍ଷରୁ ଅଦିନିଆ ସ୍ନାନଯାତ୍ରା ମଧ୍ୟ ଦେଶ ବାହାରେ ୧୦ଟି ସହରରେ ଆୟୋଜିତ ହେଉଛି । ରାଷ୍ଟ୍ରପତି ମହୋଦୟ ଆପୋସ ସହମତିରେ ଏହାର ସମାଧାନ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗୌରବମୟ ଐତିହ୍ୟକୁ ସୁରକ୍ଷିତ ରଖିବା ଲାଗି ସେ ନିବେଦନ କରିଥିଲେ । ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଧ୍ୟ ଗଜପତି ମହାରାଜ ଗତବର୍ଷ ଅକ୍ଟୋବର ୨୪ ତାରିଖରେ ଏ ସଂକ୍ରାନ୍ତରେ ଅବଗତ କରାଇ ହସ୍ତକ୍ଷେପ କରିବାକୁ ନିବେଦନ କରିଥିଲେ । ଏ ସଂକ୍ରାନ୍ତରେ ଆଲୋଚନା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ସମୟ ଦେବାକୁ ନିବେଦନ କରିଥିଲେ । ବିଭିନ୍ନ ପୁରାଣ ଶାସ୍ତ୍ରରେ ରଥଯାତ୍ରା ଓ ସ୍ନାନଯାତ୍ରା ପାଇଁ ନିର୍ଦ୍ଧାରିତ ତିଥି ସମ୍ବନ୍ଧରେ ଅବଗତ କରାଇଥିଲେ ।

ଯଦି ମହାଶିବରାତ୍ରୀ, ଶ୍ରୀରାମ ନବମୀ, ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ଶ୍ରୀଗଣେଶ ଚତୁର୍ଥୀ, ହୋଲି, ଦୀପାବଳି, ଦୁର୍ଗାପୂଜା, ଦଶହରା, ବସନ୍ତ ପଞ୍ଚମୀ, ମକର ସଂକ୍ରାନ୍ତି, ଗୁରୁ ପୂର୍ଣ୍ଣିମା ଆଦି ସନାତନ ବୈଦିକ ଧର୍ମ ଆଧାରରେ ନିର୍ଦ୍ଦିଷ୍ଟ ତିଥିରେ ପାଳନ କରାଯାଉଛି, ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅ-ତିଥିରେ ଆୟୋଜନ ନ୍ୟାୟୋଚିତ ନୁହେଁ ବୋଲି ସେ ଉଲ୍ଲେଖ କରିଥିଲେ ।

# ବିବାହ ପୂର୍ବରୁ 'ସହମତିରେ ଶାରୀରିକ ସଂପର୍କ' ଅପରାଧ ନୁହେଁ



ନୂଆଦିଲ୍ଲୀ: ବିବାହ ପୂର୍ବରୁ ଗଢ଼ିଉଠୁଥିବା ପ୍ରେମ ସମ୍ପର୍କ ଏବଂ ଶାରୀରିକ ସମ୍ପର୍କକୁ ନେଇ ସୁପ୍ରିମକୋର୍ଟ ଏକ ଐତିହାସିକ ତଥା ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଆମ ସମାଜରେ ସାଧାରଣତଃ ବିବାହ ପୂର୍ବରୁ କୌଣସି ପୁଅ ବା ଝିଅର କାହା ସହ ଶାରୀରିକ ସମ୍ପର୍କ ଥିଲେ, ତାଙ୍କ ଚରିତ୍ର ଉପରେ ପ୍ରଶ୍ନବାଚୀ ସୃଷ୍ଟି କରାଯାଏ । ମାତ୍ର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଦୁଇଜଣ ପ୍ରାପ୍ତ ବୟସ୍କଙ୍କ ମଧ୍ୟରେ ସହମତିରେ ହୋଇଥିବା ଶାରୀରିକ ସମ୍ପର୍କ କାହାର ଖରାପ ଚରିତ୍ରର ପ୍ରମାଣପତ୍ର ହୋଇପାରିବ ନାହିଁ କିମ୍ବା ଏହାକୁ ଚରିତ୍ର ଉପରେ କଳା ଦାଗ ବୋଲି କୁହାଯାଇପାରିବ ନାହିଁ । ଜଷ୍ଟିସ ମନୋଜ ମିଶ୍ର ଏବଂ ଜଷ୍ଟିସ ମନମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ ତେଲେଙ୍ଗାନା ପୋଲିସ କନଷ୍ଟେବଲ ନିଯୁକ୍ତି ସହ ଜଡ଼ିତ ଏକ ମାମଲାରେ ଗଜୁଲା ତିରୁପତି ନାମକ ଜଣେ ବ୍ୟକ୍ତିଙ୍କ ସପକ୍ଷରେ ଏହି ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି ।

ଘଟଣା ଅନୁଯାୟୀ, ଗଜୁଲା ତିରୁପତିଙ୍କର ଚୟନ ପୋଲିସ କନଷ୍ଟେବଲ ପଦ ପାଇଁ ହୋଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ନିଯୁକ୍ତି ବୋର୍ଡ ତାଙ୍କ ପ୍ରାର୍ଥୀତ୍ୱକୁ ରଦ୍ଦ କରିଦେଇଥିଲା । ବୋର୍ଡ ଯାଞ୍ଚ ସମୟରେ ଜାଣିବାକୁ ପାଇଥିଲା ଯେ, ପ୍ରାର୍ଥୀଙ୍କ ବିରୋଧରେ ପୂର୍ବରୁ ଏକ ଅପରାଧିକ ମାମଲା ଥିଲା । ତାଙ୍କ ଉପରେ ଅଭିଯୋଗ ଥିଲା ଯେ, ସେ ପଡ଼ୋଶୀ ଝିଅକୁ ବିବାହର ପ୍ରତିଶ୍ରୁତି ଦେଇ ଦୀର୍ଘ ବର୍ଷ ଧରି ସମ୍ପର୍କ ରଖିଥିଲେ, କିନ୍ତୁ ପରେ ଅନ୍ୟ ଜଣକୁ ବିବାହ କରିଥିଲେ । ତେବେ ଏହି ମାମଲାଟି ୨୦୧୫ ମସିହାରେ ଲୋକ ଅଦାଲତରେ ଆପୋଷ ବୁଝାମଣା ଜରିଆରେ ସମାପ୍ତ ହୋଇସାରିଥିଲା । ପ୍ରାର୍ଥୀ ଜଣକ ନିଜର ଭେରିଫିକେସନ୍ ଫର୍ମରେ ପୂର୍ବରୁ ଥିବା ଏହି ଅପରାଧିକ ମାମଲା ବିଷୟରେ ନିଜ ଆଡୁ ସମ୍ପୂର୍ଣ୍ଣ ସୂଚନା ଦେଇଥିଲେ । ସେ କୌଣସି ସତ୍ୟ ଲୁଚାଇ ନଥିଲେ ।

ସମ୍ପାଦକୀୟ

# ଯନ୍ତାରୁ ମୁକ୍ତି

ଡୋନାଲ୍ଡ ଟ୍ରମ୍ପଙ୍କୁ ସିଧାସଳଖ ପ୍ରଶ୍ନ କରାଯାଇଥିଲା ''ଚୀନ ଓ ଆମେରିକା ତଥାକଥିତ 'ଥୁସିଡାଇଡିସ୍ ଟ୍ରାପ୍'କୁ ଅତିକ୍ରମ କରି ଦୁଇ ମହାଶକ୍ତିଙ୍କ ମଧ୍ୟରେ ସଂପର୍କର ଏକ ନୂତନ ଭିତ୍ତି ପ୍ରତିଷ୍ଠା କରିପାରିବେ କି ?'' ଅର୍ଥାତ୍ ଟ୍ରମ୍ପଙ୍କ ସମ୍ମୁଖରେ ସି ଘୋଷଣା କରିଥିଲେ ଯେ ଚୀନ ଆଉ ପୂର୍ବଭଳି ଏକ ଉଦୀୟମାନ ଶକ୍ତି ହୋଇ ରହିନାହିଁ, ଏକ ଉଦିତ ମହାଶକ୍ତିରେ ପରିଣତ ହୋଇସାରିଲାଣି। ଚୀନ ଉପରେ ଆକ୍ରମଣ କରି ଆମେରିକା ଆଉ ତାକୁ ପରାହତ କରିବା ସମ୍ଭବ ନୁହେଁ ଏବଂ ଏହା ଦ୍ୱାରା ନିଜର ଘୋର କ୍ଷତି ସାଧନ ସାର ହେବ ଯାହା। ଏଣୁ ଚୀନକୁ ଆମେରିକା ନିଜର ସମକକ୍ଷ ରୂପେ ସ୍ୱୀକାର କରିବା ଉଚିତ।

ମନେକର ତୁମେ ହେଉଛ ଏଇ ଇଲାକାର ନିରଙ୍କୁଶ ବାହୁବଳୀ- ବସ୍; ଗବ୍‌ବର ସିଂ ଓ ମୋଗାମ୍ବୋର ଏକ ମିଳିତ ସଂସ୍କରଣ। ତୁମକୁ ଦୂରରୁ ଦେଖିଲେ ଲୋକେ ଛାନିଆରେ ବାଟ ଭାଙ୍ଗି ଆଡେଇ ହୋଇଯାଆନ୍ତି। ତୁମକୁ ଖୁସି କରିବାକୁ ସେମାନେ ଯେଉଁଭଳି ସର୍ବଦା ବ୍ୟାକୁଳ ହୋଇଥାନ୍ତି, ତୁମର ରୋଷ ଦୃଷ୍ଟିରେ ନ ପଡିବା ପାଇଁ ସେଇଭଳି ସର୍ବଦା ସତର୍କ ଥାନ୍ତି। କିନ୍ତୁ ଦିନେ ଏଇ ପାଣିପାଗରେ କିଛି ପରିବର୍ତ୍ତନର ଲକ୍ଷଣ ଦୃଷ୍ଟିଗୋଚର ହେବାକୁ ଆରମ୍ଭ କଲା: ସେ ଅଞ୍ଚଳରେ ଆଉଜଣେ ବଳବାନଙ୍କର ଆବିର୍ଭାବ। ତୁମର ଅନୁଗତ ବଚ୍‌ସ୍କରମାନଙ୍କ ମଧ୍ୟରୁ ଜଣକ ପରେ ଜଣେ କ୍ରମେ ଏଇ ନବାଗତଙ୍କୁ ସମ୍ମାନ ପ୍ରଦର୍ଶନ କରିବାକୁ ଆରମ୍ଭ କଲେ, ଯାହା ଦ୍ରୁତ ଗତିରେ ଆନୁଗତ୍ୟରେ ପରିଣତ ହେବାର ଆଶଙ୍କା ଦେଖାଦେଲା। ତୁମର ପ୍ରଭାବ ଓ ପତିଆରାର ଅବକ୍ଷୟ ଘଟିବାର ସମ୍ଭାବନା ତୁମକୁ ଘାରିବାରେ ଲାଗିଲା।

ବାହୁବଳୀ ଜଣକ ଏଭଳି ଏକ ପରିସ୍ଥିତିର ମୁକାବିଲା କରିବାକୁ ଏବେ କ'ଣ କରିବ ? ତା' ସମ୍ମୁଖରେ କେଉଁ ସବୁ ବିକଳ୍ପ ଉନ୍ମୁକ୍ତ ଅଛି। ଖ୍ରୀ.ପୂ. ପଞ୍ଚମ ଶତାବ୍ଦୀର ପ୍ରାଚୀନ ଗ୍ରୀକ୍ ଐତିହାସିକ ଥୁସିଡାଇଡିସ୍ (ହେରୋଡଟସ୍‌ଙ୍କ ସହିତ ତାଙ୍କୁ ଇତିହାସ ଶାସ୍ତ୍ରର ଅନ୍ୟତମ ଜନକ ରୂପେ ବିବେଚନା କରାଯାଇଥାଏ)ଙ୍କ ଅନୁସାରେ ତୁମ ସମ୍ମୁଖରେ ଏବେ ଯେଉଁ ଏକମାତ୍ର ବିକଳ୍ପ ଉପଲବ୍ଧ ଅଛି, ତାହା ହେଲା: ପ୍ରତିଦ୍ୱନ୍ଦ୍ୱୀ ସହିତ ଯୁଦ୍ଧ କର। ଯୁଦ୍ଧ କରିବା ବ୍ୟତୀତ ତୁମର ଗତ୍ୟନ୍ତର ନାହିଁ। ଯନ୍ତା ଭିତରେ ମୁହାଁମୁହିଁ ଅବସ୍ଥାରେ ଅଛ ତୁମେ ଓ ତୁମର ପ୍ରତିଦ୍ୱନ୍ଦ୍ୱୀ; ତା' ସହିତ ଯୁଦ୍ଧ ଅନିବାର୍ଯ୍ୟ।

ଏହା ହିଁ ହେଉଛି ୨୦୧୨ରେ ପ୍ରଖ୍ୟାତ ଆମେରିକୀୟ ରାଜନୀତିବିଜ୍ଞାନୀ ଗ୍ରାହାମ୍ ଆଲିସନ୍‌ଙ୍କ ଦ୍ୱାରା ନାମିତ- 'ଥୁସିଡାଇଡିସ୍ ଟ୍ରାପ୍', ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମ୍ମୁଖରେ ଚୀନର ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ଯାହାର ଅବତାରଣା କରି ଆନ୍ତର୍ଜାତିକ କୂଟନୈତିକ ପରିସରରେ ଏକ ହଇଚଇ ସୃଷ୍ଟି କରି ଦେଇଥିଲେ, ଯାହାକୁ ପର୍ଯ୍ୟବେକ୍ଷକମାନେ ଉଭୟ ଦେଶର ବଳ କଷାକଷିରେ ଏକ ନିର୍ଣ୍ଣାୟକ ମୋଡ ରୂପେ ବିଚାର କରୁଛନ୍ତି, ଏବଂ ଯାହା ଏକ ମହାଶକ୍ତି ରୂପେ ଆମେରିକାର ସମକକ୍ଷ ହିସାବରେ ଚୀନର ଆଗମନର ସ୍ୱାକ୍ଷର ବହନ କରିଥାଏ। ତାଙ୍କର ପ୍ରସିଦ୍ଧ ରଚନା, 'ହିଷ୍ଟ୍ରି ଅଫ୍ ଦି ପେଲୋପୋନେସିଆନ୍ ୱାର୍' ('ପେଲୋପୋନେସିଆନ୍ ଯୁଦ୍ଧର ଇତିହାସ')ରେ ଥୁସିଡାଇଡିସ୍ କେବଳ ଏଥେନ୍‌ସ ଓ ସ୍ପାର୍ଟା ମଧ୍ୟରେ ଦୀର୍ଘ ଯୁଦ୍ଧର ଏକ ନିର୍ଭୁଲ୍ ବିବରଣୀ ପ୍ରଦାନ କରିବାକୁ ଯେ ଚେଷ୍ଟା କରିଥିଲେ, ତାହା ନୁହେଁ, ସେ ମଧ୍ୟ ଏହାର ଆଧାରରେ ଚିର କାଳ ଧରି ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ କ୍ଷମତା ସମୀକରଣକୁ ନିୟନ୍ତ୍ରିତ କରୁଥିବା କେତେକ ଚିରନ୍ତନ ନିୟମମାନଙ୍କର ଆବିଷ୍କାର କରିଥିଲେ।

ଗ୍ରାହାମ୍ ଆଲିସନ୍ ଯେତେବେଳେ 'ଥୁସିଡାଇଡିସ୍ ଟ୍ରାପ୍' ଅଭିବ୍ୟକ୍ତିର ଉଦ୍ଭାବନ କରିଥିଲେ, ସେତେବେଳେ ସେ ପୃଥିବୀର ପ୍ରତିଷ୍ଠିତ ବାହୁବଳୀ ଆମେରିକା ଓ ଉଦୀୟମାନ ବାହୁବଳୀ ଚୀନକୁ ଦୃଷ୍ଟିରେ ରଖି ତାହା କରିଥିଲେ ଏବଂ ଏ ଦୁଇ ଶକ୍ତିଙ୍କ ମଧ୍ୟରେ ଯୁଦ୍ଧ ଅନିବାର୍ଯ୍ୟ ବୋଲି ଭବିଷ୍ୟବାଣୀ କରିଥିଲେ। ସେ ସମୟରେ ସ୍ପାର୍ଟା ଥିଲା ଆମେରିକା ଭଳି ସେ ଅଞ୍ଚଳର ପ୍ରତିଷ୍ଠିତ ବାହୁବଳୀ ଏବଂ ଏଥେନ୍‌ସ ଥିଲା ଚୀନ ପରି ଉଦୀୟମାନ ବାହୁବଳୀ, ଯିଏ ସ୍ପାର୍ଟାର ସ୍ଥାନ ଦଖଲ କରିବାକୁ ଉଦ୍ୟତ ଥିଲା। ଥୁସିଡାଇଡିସ୍‌ଙ୍କ ଅନୁସାରେ ଏଭଳି ପରିସ୍ଥିତିରେ ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧ ଘଟିବା ଥିଲା ଅନିବାର୍ଯ୍ୟ। ପ୍ରତିଷ୍ଠିତ ଶକ୍ତି ସର୍ବଦା ଉଦୀୟମାନ ଶକ୍ତି ବିରୁଦ୍ଧରେ ଯୁଦ୍ଧ କରିବା ହେଉଛି କୂଟନୀତିର ଅକାଟ୍ୟ ନିୟମ। ଆନ୍ତର୍ଜାତିକ କୂଟନୀତିରେ ଏଭଳି ଆଭିମୁଖ୍ୟକୁ ପ୍ରଦାନ କରାଯାଇଥିବା ନାମ ହେଉଛି: 'ବାସ୍ତବବାଦ'।

ଏଇ 'ବାସ୍ତବବାଦ' ମୋଟାମୋଟି ଭାବରେ ନିମ୍ନଲିଖିତ ତିନିଗୋଟି ନିୟମ ବା ଯୁକ୍ତି ଉପରେ ପ୍ରତିଷ୍ଠିତ ହୋଇଥାଏ। ପ୍ରଥମ: ମନୁଷ୍ୟର ପ୍ରକୃତି ଓ ପ୍ରବୃତ୍ତି ଆତ୍ମସ୍ୱାର୍ଥ ସାଧନ ଦ୍ୱାରା ପରିଚାଳିତ ହୋଇଥାଏ। ରାଷ୍ଟ୍ର ସ୍ତରରେ ମଧ୍ୟ ଏହା ହିଁ ପ୍ରତିଫଳିତ ହୋଇଥାଏ, ଯାହା ଅନୁସାରେ ପ୍ରତ୍ୟେକ ରାଷ୍ଟ୍ର ତା'ର ନିଜର ନିରାପତ୍ତା ନିଶ୍ଚିତ କରିବାକୁ ସର୍ବାଧିକ ପ୍ରାଧାନ୍ୟ ପ୍ରଦାନ କରିଥାଏ। ଦ୍ୱିତୀୟ: ଅନ୍ତଃରାଷ୍ଟ୍ରୀୟ ସଂପର୍କରେ ନୈତିକତା ଓ ଆଦର୍ଶବାଦୀ ନ୍ୟାୟକୁ ସର୍ବଦା ଉପେକ୍ଷା କରାଯାଇଥାଏ। ତୃତୀୟ: ବିଶ୍ୱ ବ୍ୟବସ୍ଥା ଯେଉଁ ନିୟମ ଦ୍ୱାରା ପରିଚାଳିତ ହୋଇଥାଏ, ତାହା ହେଲା- ଅରାଜକତା। ଅର୍ଥାତ୍, ବ୍ୟକ୍ତିର ଆଚରଣକୁ ଯେଉଁଭଳି ରାଷ୍ଟ୍ର ନିୟନ୍ତ୍ରଣ କରିଥାଏ, ରାଷ୍ଟ୍ରର ଆଚରଣକୁ ସେଇଭଳି ନିୟନ୍ତ୍ରଣ କରିବା ପାଇଁ କୌଣସି ଉଚ୍ଚତର ଶକ୍ତି ନ ଥାଏ। ଆନ୍ତର୍ଦ୍ଦେଶୀୟ ସଂପର୍କରେ ଏଇ ତିନି ସୂତ୍ରୀ ବାସ୍ତବବାଦର ଉପସ୍ଥିତି ସମ୍ବନ୍ଧରେ ଯଦି କେହି ସନ୍ଦିହାନ ହୋଇଥାନ୍ତି, ଟ୍ରମ୍ପଙ୍କ ଆମେରିକା କିମ୍ବା ସିଙ୍କ ଚୀନର ଆଚରଣ ଉପରେ ଏକ କ୍ଷିପ୍ର ଦୃଷ୍ଟି ନିକ୍ଷେପ ତାଙ୍କର ସମସ୍ତ ସନ୍ଦେହ ଦୂର କରିବ।

ଥୁସିଡାଇଡିସ୍ ତାଙ୍କର ଯେଉଁ ରଚନାରେ ବାସ୍ତବବାଦୀ କୂଟନୀତିର ଏଇ ତିନିଟିଯାକ ସୂତ୍ରର ସାରାଂଶ ଉପସ୍ଥାପନ କରିଥିଲେ, ତାହା ହେଉଛି 'ମେଲିଆନ୍ ଡାଇଲଗ୍' ('ମେଲିଆନ୍ କଥୋପକଥନ')। ମେଲସ୍ ଉପରେ ଏଥେନ୍ ?ସ ବିଜୟ ହାସଲ କରିବା ପରେ ଉଭୟ ପକ୍ଷଙ୍କ ମଧ୍ୟରେ ଯେଉଁ କଥାବାର୍ତ୍ତା ଚାଲିଥିଲା, ଏଇ ରଚନାରେ ଥୁସିଡାଇଡିସ୍ ତାହାକୁ ନାଟ୍ୟରୂପ ପ୍ରଦାନ କରିଥିଲେ। କଥାବାର୍ତ୍ତା ସମୟରେ ମେଲସ୍ ପକ୍ଷ ଏଥେନ୍‌ସ ଠାରୁ ଯେତେବେଳେ ନ୍ୟାୟୋଚିତ ଆଚରଣ ଦାବି କରିଥିଲେ, ବିଜେତା ଏଥେନ୍ ?ସର ପ୍ରତିନିଧିମାନେ ତାହାକୁ ହସରେ ଉଡାଇ ଦେଇଥିଲେ। ସେମାନେ ପରାଜିତ ମେଲସ୍ ?ର ପ୍ରତିନିଧିମାନଙ୍କୁ ଚେତାଇ ଦେଇଥିଲେ ଯେ ଯେଉଁ ପକ୍ଷ ଅଧିକ ବଳବାନ ହୋଇଥାଏ, ସେ ଯାହା ଚାହିଁବ ତାହା ନେଇଯିବ ଏବଂ ଦୁର୍ବଳ ପକ୍ଷ ତାହାକୁ ଗ୍ରହଣ କରିବାକୁ ବାଧ୍ୟ।

ବାସ୍ତବବାଦ ତେଣୁ ହେଉଛି ସରଳ ଭାବରେ କହିଲେ- 'ଜୋର ଯାର ମୁଲକ ତା'ର' ନିୟମ। ବାସ୍ତବବାଦ ଦୃଷ୍ଟିକୋଣରୁ ଯୁଦ୍ଧ ହେଉଛି ପ୍ରତିପକ୍ଷ ସତର୍କ ହେବା ପୂର୍ବରୁ ତା' ଉପରେ ଆକ୍ରମଣ ଚଳାଇ ନିଜର ସ୍ୱାର୍ଥ ରକ୍ଷା କରିବାର ଏକ କେ ?ଶଳ- ଯେମିତି ରୁଷିଆ ୟୁକ୍ରେନ୍ ଉପରେ କିମ୍ବା ଆମେରିକା ଇରାନ୍ ଉପରେ କିମ୍ବା ଅତୀତରେ ଚୀନ ତିବ୍ବତ ଉପରେ କରିବା ଦେଖାଯାଇଛି। ପୃଥିବୀ ଇତିହାସ ଏଇଭଳି ଅସୁମାରି ଉଦାହରଣମାନଙ୍କରେ ଭରପୂର। ସମସ୍ତ ବୈଦେଶିକ ସଂପର୍କ ହେଉଛି ଦେଶମାନେ କୂଟନୀତି ମାଧ୍ୟମରେ ହେଉ କି ଶକ୍ତି ପ୍ରଦର୍ଶନ ମାଧ୍ୟମରେ ହେଉ ନିଜର ପ୍ରଭୁତ୍ୱ ଜାହିର କରିବା ଦିଗରେ କରୁଥିବା ଉଦ୍ୟମ। ପ୍ରଭୁତ୍ୱ ନିରାପତ୍ତା ନିଶ୍ଚିତ କରିଥାଏ। ସି ଜିନ୍‌ପିଙ୍ଗ ସେମାନଙ୍କର ସାକ୍ଷାତ୍ ସମୟରେ ଟ୍ରମ୍ପଙ୍କୁ 'ଥୁସିଡାଇଡିସ୍ ଟ୍ରାପ୍' ସମ୍ବନ୍ଧରେ ଚେତାଇ ଦେବା ଥିଲା ନିଜର ଅର୍ଥାତ୍ ଚୀନର ପ୍ରଭୁତ୍ୱ ଜାହିର କରିବା ଦିଗରେ ଏକ ଉଦ୍ୟମ।

ଲକ୍ଷ୍ୟ କରିବା କଥା ପ୍ରାୟ ଏକ ଦଶନ୍ଧି ତଳେ ସେଇ ସି କହିଥିଲେ ଯେ ଉଭୟ ଦେଶ ମଧ୍ୟରେ ସଂପର୍କରେ ଏକ 'ଥୁସିଡାଇଡିସ୍ ଟ୍ରାପ୍'ର ଆବିର୍ଭାବ ସମ୍ଭବ ନୁହେଁ।

# ଗ୍ରୀଷ୍ମ ତାପରୁ ରକ୍ଷା ଓ ପରିବେଶ ସୁରକ୍ଷା

**ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ**




ପୃଥିବୀ ସୃଷ୍ଟିସମୟରୁ ହିଁ ଗ୍ରୀଷ୍ମ ବର୍ଷା ଓ ଶୀତ ଧରା ପୃଷ୍ଠ ରେ ରହିଆସିଛି କିନ୍ତୁ ଅତୀତ ଓ ବର୍ତ୍ତମାନର ଗ୍ରୀଷ୍ମ ବର୍ଷା ଓ ଶୀତର ଅନୁଭୂତ ଓ ପ୍ରକୋପ ଭିତରେ ଯଥେଷ୍ଟ ତାରତମ୍ୟ ପରିଲକ୍ଷିତ ହେଉଛି। ଭାରତର ଅତୀତ ପାଣିପାଗ ତଥା ପ୍ରକୃତି ଓ ପରିବେଶ ବିଷୟ ରେ ଅନୁଧ୍ୟାନ କଲେ ଜଣାଯାଏ ଯେ ବହୁବର୍ଷ ପୂର୍ବେ ଆମଦେଶର ଜନସଂଖ୍ୟା କମ ରହିଥିବା ବେଳେ ପ୍ରାକୃତିକ ସମ୍ପଦ ସହ ଘଞ୍ଚ ବଣ ଜଙ୍ଗଲ ଭରା ପ୍ରାକୃତିକ ପରିବେଶରେ ପରିପୂର୍ଣ୍ଣ ରହିଥିଲା, ସମୟର ପରିବର୍ତ୍ତନ ସାଙ୍ଗକୁ ଦ୍ରୁତ ଗତିରେ ମାନବ ସଭ୍ୟତା ବୃଦ୍ଧି ପାଇବା ସହ ପ୍ରାକୃତିକ ସମ୍ପଦକୁ ସୁରକ୍ଷା ଦେବା ବଦଳରେ ମନୁଷ୍ୟ ନୈଦିନ ଜଙ୍ଗଲ ସମ୍ପଦ କୁ କାଟି ନଷ୍ଟ କରିଚାଲିଲା, ପରିଣାମ ସ୍ୱରୂପ ଜଳବାୟୁରେ ଅହେତୁକ ପରିବର୍ତ୍ତନ ସହ ଅସନ୍ତୁଳିତ ଅବସ୍ଥା ସୃଷ୍ଟି ହୋଇ ବର୍ଷା ଓ ଶୀତର ମାତ୍ରା ହ୍ରାସ ପାଇ ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଲା, ଧରା ପୃଷ୍ଠରେ ରହିଥିବା ଘଞ୍ଚ ଜଙ୍ଗଲ ବୃହତ୍ତକାୟ ତଥା ବହୁ ବର୍ଷ ଧରି ରହିଥିବା ଉଚ୍ଚତା ବୃକ୍ଷ ସମ୍ପଦ ହିଁ ବର୍ଷା। ବୃଦ୍ଧି କରାଇବା ସହ ପରିବେଶରେ ଅମ୍ଳଜାନ ପରିମାଣକୁ ବୃଦ୍ଧିକରିବା ସହ ଭୂମଣ୍ଡଳକୁ ସୁରକ୍ଷିତ ରଖିବା ପ୍ରକୃତି ଓ ପରିବେଶକୁ ସଂତୁଳିତ ରଖିବାରେ ସହାୟକ ହୋଇଥାଏ, ଏସବୁ ବୃକ୍ଷ ସମୂହ କୁ ମନୁଷ୍ୟ କାଟି ସଫା କରି ଚାଲିଲା, ସାମ୍ପ୍ରତିକ ପରିସ୍ଥିତିରେ ଆମ ଦେଶ ଭାରତର ଜଳବାୟୁ ଅତି ଚିନ୍ତାଜନକ ଅଟେ,ଆମ ଦେଶରେ ଅତୀତରେ ଜୋ ପ୍ରାକୃତିକ ସମ୍ପଦ ଭାବେ ବୃକ୍ଷ ରାଶିଭାରପୁର ରହିଥିଲା ତାହା ଦ୍ରୁତ ଗତିରେ ହ୍ରାସପାଇ ବଣ, ପାହାଡ଼, ଓ ଜଙ୍ଗଲ ପୁରା ସଫା ହେବାରେ ଲାଗିଥିବା ବେଳେ, ସରକାରୀ, ବେସରକାରୀ ଓ ବ୍ୟକ୍ତିଗତ ସ୍ତରରେ ଯେଉଁ ମାତ୍ରାରେ ବୃକ୍ଷ ରୋପଣ କରାଯାଉଛି, ମନୁଷ୍ୟ କୃତ କଟାଯାଉଥିବା ବନ୍ୟସମ୍ପଦ ତା ତୁଳନାରେ ବହୁମାତ୍ରା ରେ ଅଧିକ, ଯାହାର କୁପ୍ରଭାବ ଜୀବଜଗତ ଉପରେ ସିଧାସଳଖ ପ୍ରତୀୟ ମାନ ହେଉଛି, ଜଙ୍ଗଲ ନଷ୍ଟ ହେତୁ ଜଳ ବାୟୁ ରେ ସ୍ୱଚ୍ଛ ଅମ୍ଳଜାନର ମାତ୍ରା ହ୍ରାସ ହେବାକ୍ଷ ସହ ମନୁଷ୍ୟ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି (immunity power) ହ୍ରାସ ପାଇଁ ସାଧରଣତଃ ବହୁ ଲୋକ ଥଣ୍ଡା ଜନିତ ରୋଗରେ ଆକ୍ରାନ୍ତ ହୋଇ ବର୍ଷ ତମାମ ଅସୁବିଧା ଭୋଗ କରୁଥିବା ବେଳେ, ଶ୍ୱାସ, କାଶ, ଉର୍ଦ୍ଧ ରକ୍ତ ଚାପ, ମଧୁମେହ, ବୃକ୍କକ ଜନିତ ରୋଗ 'କର୍କଟ' ଭଳି ମାରାତ୍ମକ ତଥା ଦୁରାରୋଗ୍ୟ ରୋଗରେ ବ୍ୟକ୍ତି ଥରେ ସଂକ୍ରମିତ ହେଲେ ରୋଗୀ ଆରୋଗ୍ୟ ହେବା କଷ୍ଟ ସାଧ ହୋଇପଡୁଥିବା ବେଳେ ବହୁ ବ୍ୟକ୍ତି ଏପରି କଷ୍ଟସାଧ ରୋଗରେ ପୀଡିତ ହୋଇ ବହୁଅର୍ଥ ଖର୍ଚ୍ଚାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି, ଯାହାକି ଏହା ଚିନ୍ତା ଜନକ ବିଷୟ, ଏହାର ଜ୍ୱଳନ୍ତ ଉଦାହରଣ ନିକଟ ଅତୀତ ରେ ହୋଇଥିବା,(କୋଭିଡ-୧୯) ଭଳି ଭୟବହ ପରିସ୍ଥିତିରେ ବହୁ ବ୍ୟକ୍ତିଙ୍କ ଜୀବନ ହାନି ଘଟିଥିଲା,ତଥାପି ମନୁଷ୍ୟ ର ସତର୍କ ହୋଇପାରୁନି ବରଂ ଅଧିକରୁ ଅଧିକ ବୃକ୍ଷ ସମ୍ପଦ କୁ କାଟିଚାଲିଥିବା ବେଳେ,ନିଜେ ଗୋଟିଏ ବି ବୃକ୍ଷ ରୋପଣ କରିବାରେ ଅସମର୍ଥ।



ପୃଥିବୀର ପ୍ରତେକ ଦେଶର ବିଭିର୍ନ ରାଜ୍ୟ ଗୁଡିକରେ ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ କ୍ରମଶଃ ତାପମାତ୍ରା ବୃଦ୍ଧିପାଇବାରେ ଲାଗିଛି। ବର୍ତମାନ ଆମ ଓଡିଶାର ଗ୍ରାମାଞ୍ଚଳ ଅପେକ୍ଷ ବିଭିର୍ନ ସହରକ୍ଷଞ୍ଚଳ ମାନଙ୍କରେ ତାପମାତ୍ରା ବୃଦ୍ଧିପାଇ ୪୫ ଡିଗ୍ରୀ ସେଲସିୟସ ଉର୍ଦ୍ଧରେ ରହୁଛି, ସୂର୍ଯ୍ୟୋଦୟ ପରେ ପରେ ଶୀଘ୍ର ଗରମ ଆରମ୍ଭ ହୋଇ ଦୀର୍ଘ ସମୟ ଧରି ତାପମାତ୍ରା ହ୍ରାସ ପାଉନି, ଏହାର କାରଣ ସୂର୍ଯ୍ୟଙ୍କ ପ୍ରଖର କିରଣ ସାଙ୍ଗକୁ କଂକ୍ରିଟ ରାସ୍ତା, ସିମେଟ ଓ ଲୁହାରେ ନିର୍ମିତ ଇଲେକ୍ଟ୍ରି ଖୁଣ୍ଟ, ବଡ ବଡ ସିମେଟ ନିର୍ମିତ ଅଟ୍ଟାଳିକା ଆଦି ଯାଳବାୟୁ ରେ ଆଦ୍ରତା ପରିମାଣ ହ୍ରାସ କରି ଉତ୍ତାପ ବୃଦ୍ଧି କରାଇ ଥାଏ ଏଥିସହ ବଡ଼ବଡ଼ କଲକକ୍ଷରଖାନା, କାର ଓ ମୋଟର ସାଇକେଲ,ବଡ଼ବଡ଼ ଢାବା ହୋଟେଲ ରୁ ନିର୍ଗତ ଧୂଆଁ, ଏ.ସି ରୁ ନିର୍ଗତ ଗରମ ବାଷ୍ପ ପରିବେଶକୁ ଦୂଷିତ କରିଥାଏ,ଏସବୁ ମନୁଷ୍ୟ କୃତ ସମସ୍ୟା,ଏହାର ପ୍ରତିକାର ଯଦି ଏବେ ଠାରୁ କରା ନଯାଏ ତେବେ ଆଗାମୀ ଦିନରେ ପରିବେଶ ଉପରେ ଭୟକ୍ଷନକ ପରିସ୍ଥିତି ସୃଷ୍ଟି ହୋଇ ପରିବେଶ ପ୍ରତି ବିପଦ ମାଡିଆସିବାର ଆଶଙ୍କା ରହିଛି, ଯାହାକି ଆଗାମୀ ପିଢ଼ି ପାଇଁ ସତର୍କ ଘଣ୍ଟି ସଦୃଶ। ଆମେ ଏସବୁ ପ୍ରତି ଧ୍ୟାନ ଦେବା ଜରୁରୀ ଅଟେ। ଏହି ସମସ୍ୟାକୁ ପ୍ରତିରୋଧ ତଥା ମୁକାବିଲା ନିମନ୍ତେ ପ୍ରତେକ ବ୍ୟକ୍ତି ବିଶେଷ ନିଜ ବାସ ଗୃହ ଆଗ ଓ ପଛପଟେ ବିଭିନ୍ନ ପ୍ରକାରର ଛୋଟ ବଡ ବୃକ୍ଷ ରୋପଣ କରିବା ସହ ପ୍ରାକୃତିକ ଉପାୟ ରେ ଘରର ତାପମାତ୍ରା ହ୍ରାସ ପାଇଁ,ଘରଭିତରେ ମାଟି ନିର୍ମିତ ପାତ୍ରରେ ଛୋଟ ଛୋଟ ସବୁଜ ଗଛ ଲଗାଇବା ଉଚିତ, ନିଜର ଖାଲି ପଡିଥିବା ପଡିଆ ଜମିରେ ବୃକ୍ଷ ଲଗାଇବା ଉଚିତ। ବାସଗୃହରେ ପ୍ରାକୃତିକ ଉପାୟରେ ଉତ୍ତାପ ହ୍ରାସ ପାଇଁ ମାଟି ପାତ୍ର ରେ ପାଣିରଖିବା ସହଘରର ବିଭିନ୍ନ ସ୍ଥାନରେ ଛୋଟ ଛୋଟ ଓସାରିଆ ପାତ୍ର ରେ ପାଣି ରଖିବାସହ ଘରେ ଅଧିକ ଭେଣ୍ଟିଲେସନ ରଖିବା ଦ୍ୱାରା ଘରର ତାପମାତ୍ରା କମିଥାଏ। ଦିନକୁ ଦିନ ପୃଥିବୀର ପ୍ରତ୍ୟେକ ଦେଶର ପ୍ରକୃତି ଓ ପରିବେଶ ଦୂଷିତ ହୋଇ ଭୟକ୍ଷନକ ସ୍ଥିତିର ନିକଟ ତର ହେବାରେ ଲାଗିଛି,କିନ୍ତୁ ମନୁଷ୍ୟ ଏହାକୁ ସବୁ ଜାଣି ମଧ୍ୟ ହେୟଜ୍ଞାନ କରିଚାଲିଛି। ଆମ ଦେଶ ର ଦିଲ୍ଲୀ ସହରର ଜଳବାୟୁ ଅତ୍ୟନ୍ତ ଦୂଷିତ ଯେ ପେଟ୍ରୋଲ ଓ ଡିଜେଲ ଚାଳିତ ଜାନ ବାହାନ ଚଳାଚଳ ଉପରେ ସରକାର କଟକଣା ଲଗାଇଛନ୍ତି,ଅନ୍ୟାନ୍ୟ ବଡ଼ବଡ଼ ସହର କଥା ବି ସମତୁଲ୍ୟ,ଏ ସମସ୍ତ ବିଷୟ କୁ ଆମେ ଅତି ଗମ୍ଭୀରତା ସହ ଭାବିବା ଉଚିତ। ଏସମସ୍ତ ସମସ୍ୟା କୁ ମୁକାବିଲା ନିମନ୍ତେ ନିଜର ଜନ୍ମ ଦିନ,ଶ୍ରାଦ୍ଧ ଦିବସ,ପୁଣ୍ୟ ତିଥି ଆଦିରେ ବ୍ୟକ୍ତିଗତ ଭାବେ, ପାରିବାରିକ, ସାମାଜିକ, ଗ୍ରାମ୍ୟ ସମୂହ, ବ୍ଲକ, ଜିଲ୍ଲା, ରାଜ୍ୟ ତଥା ସମସ୍ତ ସରକାରୀ ବେସରକାରୀ ସ୍ତରରେ ବୃକ୍ଷ ରୋପଣ କୁ ପ୍ରାଧାନ୍ୟ ଦେବାର ଆବଶ୍ୟକତା ରହିଛି। ଏହାର ପରିଣାମ ସ୍ୱରୂପ ଆମେ ପ୍ରକୃତି ଓ ପରିବେଶକୁ ସୁରକ୍ଷା ଦେବାସହ, ପ୍ରାକୃତିକ ସମ୍ପଦକୁ ବୃଦ୍ଧି କରିବାରେ ସହାୟକ ହୋଇପାରିବ। ଯଦ୍ୱାରା ଜଳବାୟୁରେ ସ୍ୱଚ୍ଛ ଅମ୍ଳଜାନର ମାତ୍ରା ବୃଦ୍ଧି ପାଇବା ହେତୁ ମନୁଷ୍ୟ ଶରୀରରେ 'ରୋଗପ୍ରତିରୋଧକ' ଶକ୍ତି ବୃଦ୍ଧି ପାଇ ଭିଭିର୍ନ ଜଟିଳ ଓ ମାରାତ୍ମକ ରୋଗରୁ ବହୁମାତ୍ରା ରେ ରକ୍ଷା ପାଇପାରିବେ। ଏସବୁ କଥାକୁ ଆମେ ହୃଦୟଙ୍ଗମ କରି ଆସନ୍ତୁ ସମସ୍ତେ ହାତକୁ ହାତ ମିଶାଇ ଧରାପୃଷ୍ଠ କୁ ସବୁଜ ମୟ କରିବା ସହ ପ୍ରକୃତି ପରିବେଶର ସୁରକ୍ଷା ନିମନ୍ତେ ଯତ୍ନବାନ ହେବା।

**ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚନ୍ଦାହାଣ୍ଡି,**
**ଜିଲ୍ଲା-ନବରଙ୍ଗପୁର**
**ଫୋନ - ୭୮୯୪୧୧୨୪୮୭.**



ବରଷକେ ଥରେ ଆସିଛି ରଜ, ଘେନି ନୂଆ ସଜବାଜ...... !
ଦୋଳି ଖେଳଠାରୁ ପୁଚି ଖେଳ ଯାଏ ଲାଗିବ କେତେ ମଉଜ......

ପହିଲି ରଜଠୁ ବସୁମତୀ ସ୍ନାନ, ବାଣ୍ଟି ଶାନ୍ତି ମୈତ୍ରୀ ପ୍ରୀତି ..... !
ଗାଁ ଗହଳିଠୁ ସହର ପର୍ଯ୍ୟନ୍ତ ଗାଏ ଭାଇଚାରା ଗୀତୀ ......'

ରଜ ଆସେ ପରା ବରଷକେ ଥରେ ଆନନ୍ଦ ଉଲ୍ଲାସ ନେଇ...... !
ଘରେ ଘରେ ପିଠା ପଣାର ସୁଆଦ ପବନରେ ଆସେ ବହି ...... ॥

ବନ ଜଙ୍ଗଲରେ ବଣ ଭୋଜି ଚାଲେ, ସଭିଏଁ ଯାଆନ୍ତି ମଜି .......

ଗୁଡି ଉଡା ଠାରୁ ତାସ ଖେଳ ଯାଏ ଲାଗି ରହିଥାଏ ବାଜି ......... !
ଓଡିଆ ଜାତିର ବଡ ପରବ ଏ, ଏହା ସରି କେହି ନାହିଁ .......'

ବିଶ୍ୱ ଭାତୃତ୍ୱର ଶୁଭ ଶଙ୍ଖ ବାଜେ, ପ୍ରୀତିର ଗୀତିକା ଗାଇ...... !
ନୂଆ ବାସ ପିନ୍ଧି ସମସ୍ତେ ହସନ୍ତି, ହୋଇଣ ପରା ଏକାଠି .......॥

ବନ୍ଧୁ ବାସ ମେଳେ ମାଛ ମାଉଁସରେ ସଭିଏଁ ଯାଆନ୍ତି ମା ...... !
ଅପଲକ ନେତ୍ରେ ଆମ ଚାଷାପୁଅ, ଚାହିଁ ରହିଥାଏ ଆଗ.......॥

ଧରଣୀ ମା'ର ଆଶୀର୍ବାଦ ନେଇ ଚାଷ କରଇ ଆରମ୍ଭ....... ।
ବିଦାୟ ଦେଇକି ହସିହସି ପରା ଶେଷ ରଜ ଯାଏ ଚାଲି .......।
କୁହଇ ପୁଣି ଆସିବି ପରା ମୁଁ ଆରବରଷକୁ ଫେରି......॥



**ପ୍ରଶାନ୍ତ ସାହୁ**
**ପଲଙ୍କ,ବ୍ରହ୍ମଗିରି, ପୁରୀ**
**୯୬୯୨୩୨୨୦୨୫**

## ଗର୍ବରେ କହିବା ମୁଁ ଓଡ଼ିଆ



ଗର୍ବରେ କହୁଛି ମୁଁ ଜଣେ ଓଡିଆ
ଓଡ଼ିଶା ମୋହରି ମାଆ
ଆସୁ ଯେତେ ଝଡ଼ ବିପଦ ଆପଦ
ଅଟେ ସେହି ମୋର ସାହା।
ତାର ଗିରି ବନ ନଦୀ ପରବତ
ହରି ନିଏ ଜନମନ
ଶ୍ୟାମଳ କେଦାର ନିର୍ମଳ ନିର୍ଝର
ଶୋଭାରେ ଅଟେ ଅନନ୍ୟ।
କେତେ କେତେ ବୀର ବିଜ୍ଞ ସନ୍ତାନକୁ
ଦେଇଛି ସେହି ଜନମ
ତାର ସେବାରେ ହୋଇ ସମର୍ପିତ
ମଣିବା ନିଜକୁ ଧନ୍ୟ।
ମୋ ମାଆ କୋଳରେ ରହିଅଛି ପୁଣି
ଜଗନ୍ନାଥ ଶ୍ରୀମନ୍ଦିର
କେତେ ଭାଗ୍ୟବତୀ ମୋ ମାଆଟି ସତେ
ବନ୍ଦେ ବିଶ୍ୱ ଦରବାର।
କେତେ ଗୁଣିଜନ କେତେ ମହାଜ୍ଞାନୀ
ଜନ୍ମିଛନ୍ତି ତା କୋଳରେ
ମୋ ମାଆ ମାଟିକୁ ଧନ୍ୟ କରିଛନ୍ତି
ନାଆଁ କରି ବିଦେଶରେ।
ବହୁ ଦେବାଦେବୀ ଆଶୀର୍ବାଦ ଲଭି
ଧନ୍ୟ ଏ ଉତ୍କଳ ଭୂଇଁ
ଧର୍ମଚର୍ଚ୍ଚା କରି ଧନ୍ୟ ହୋଇଛନ୍ତି
ଭାଷା,ପୁରାଣକୁ ନେଇ।
ତାହାର ସନ୍ତାନ ଜୟୀ ରାଜଗୁରୁ
ଲକ୍ଷ୍ମଣ, ସୁରେନ୍ଦ୍ର ସାଏ
ବାଜି ରାଉତ ଓ ବିଶୁ ମହାରଣା
ଇତିହାସ ବାର୍ତ୍ତା ଦିଏ।
ସୁଯୋଗ୍ୟ ସନ୍ତାନ ତାଙ୍କ ବଳି ଦାନ
ଗୋପବନ୍ଧୁ ରାଧାନାଥ
ଫକିରମୋହନ ଉପଇନ୍ଦ୍ର ଭଞ୍ଜ
ଯୋଗଜନ୍ମା ସାରସ୍ୱତ।
କଳା କୌଶଳରେ ମୋ ମାଆର ନାମ
ହୋଇ ରହିଛି ମହାନ
ସୁନ୍ଦର ପ୍ରକୃତି ସବୁଜ ଅରଣ୍ୟ
ପାଇଁ କି ମୋ ମାଆ ଧନ୍ୟ।

ରବିନ୍ଦ୍ରନାଥ ବାହିନୀପତି
**ରାଇଘର**

## 'ଆସିଥିଲୁ ଜାଳି ଏନ୍ତୁଡିନିଆଁ'

ଆସିଥିଲୁ ଜାଳି ଏନ୍ତୁଡିନିଆଁ କୁ
ପରିବାରେ ହସ ଭରି
କୁଆଁ କୁଆଁ କାନ୍ଦି ମାୟାଜାଲେ ଛନ୍ଦି
ସମ୍ପର୍କର ହାତ ଧରି । ୧

ଆସିଥିଲୁ ଜାଳି ଏନ୍ତୁଡିନିଆଁ କୁ
ନୂଆ କୁଣିଆର ପରି
ମାତୃ ଗର୍ଭେ ଭାଳି ଆସିଥିଲୁ ଚାଳି
ଭାଗ୍ୟକୁ ଆପଣା କରି । ୨

ଚନ୍ଦ୍ରକଳା ଭଳି ଦିନୁ ଦିନ ବଳି
ବିଧାତା ବିଧାନ ବରି
କରି କେତେ ଅଳି ଅଝଟ ଶଙ୍ଖାଳି
ସଭ୍ୱ ମନ ନେଲୁ ହରି । ୩

ଶୈଶବ ଚପଳ କୈଶରର ମେଳ
ଯୁବ ଉଦ୍ଦାମତା ଧରି
ତାରୁଣ୍ୟେ ସକଳ ସରିଗଲା ଖେଳ
ବାର୍ଦ୍ଧକ୍ୟ ସାଜିଲା ଅରୀ । ୪

ମିଛ ମୋହ ମାୟା ସଂସାରର କାୟା
ଶେଷ ସୋପାନରେ ଡରି
ଦେଖି ମୃତ୍ୟୁ ଛାୟା ବିଚଳିତ ବାୟା
ଡାକିଦେଲେ ରଖ ହରି । ୫

ଏଇତ ଦୁନିଆ ଦୁଇ ଗୋଟି ନିଆଁ
ଜନ୍ମ ମୃତ୍ୟୁ ଅନୁସରୀ
ଜୀବନ କିମିଆଁ ମାରୁଥାଏ ଡିଆଁ
ସମୟଟା ଯାଏ ସରି । ୬

ଆସିଥିଲୁ ଜାଳି ସଂସାରକୁ ଚାଳି
ଏନ୍ତୁଡି ନିଆଁକୁ ଧରି
ପଡିଗଲେ ପାଳି ପାରିବୁନି ଟାଳି
ଜୁଇ ନିଆଁ ନିଶ୍ଚେ ବରି। ୭

ଆସିଥିଲୁ ଜାଳି ଏନ୍ତୁଡିନିଆଁ କୁ
ସଭ୍ୱ ମୁଖେ ହସ ଭରି
ଚାଲିଯିବୁ କାଲି ମଶାଣି ନିଆଁରେ
ଦୁନିଆକୁ ପର କରି । ୮



**ଶ୍ୟାମା ପ୍ରସାଦ ବୋଷ୍**
**ଗ୍ରାମ : - ବେଗୁନିଆଁ , ମଲ୍ଲିକ୍ ସାହି**
**ପୋଷ୍ଟ : - ଗୋପ୍ ,**
**ଜିଲ୍ଲା : - ପୁରୀ**



ଯେତେ ଅସମ୍ଭବ ସବୁହିଁ ସମ୍ଭବ
ମହାପ୍ରଭୁ ଇଚ୍ଛା କଲେ,
ମନ ପ୍ରାଣ ସବୁ ଶ୍ରୀପାଦପଦ୍ମରେ
ସମର୍ପଣ କରିଦେଲେ।
କାହାକୁ ତାରୁଛ କାହାକୁ ମାରୁଛ
ଅଦ୍ଭୁତ ତୁମର ଲୀଳା,
ଛାର ଏ ମନୁଷ୍ୟ ବୁଝିକି ପାରିବ
କୁହ ତୁମେ ଚକାଡୋଳା ।
ଜୟ ଜଗନ୍ନାଥ।

**ଶକ୍ତି ପ୍ରସାଦ ଖୁଣ୍ଟିଆ ।**

Fortnightly Odia Newspaper BISWA KHABAR
ବିଶ୍ୱ ଖବର
RNI REGD NO ODIODI/ 2023/ 87742
ଜିଲ୍ଲା ପ୍ରତିନିଧି ଆବଶ୍ୟକ
ଓଡ଼ିଆ ପାକ୍ଷିକ ଖବର କାଗଜ ( ବିଶ୍ୱ ଖବର ) ନିମନ୍ତେ
ଓଡିଶାର ସମସ୍ତ ଜିଲ୍ଲା ପାଇଁ ଜିଲ୍ଲା ପ୍ରତିନିଧି ଆବଶ୍ୟକ
ଯୋଗାଯୋଗ
୯୪୩୯୦୮୪୧୪୩
9668752772
8984256747
At- Kousalyapur (Jiban Vihar), PO- Kairi,
PS-Pipili, Dist- Puri- PIN-752104

# ଗୋପାଳପୁର ବେଳାଭୂମିରେ 'ସ୍ୱେଶାଲ୍ ଇଣ୍ଟେନସିଭ୍ ରିଭିଜନ'




ଗୋପାଳପୁର : 'ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ୨୦୨୬' କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାରପ୍ରସାର ଉଦ୍ଦେଶ୍ୟରେ ଆଜି ସକାଳ ୭ଟା ସମୟରେ ଗୋପାଳପୁର ବେଳାଭୂମିରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱଚ୍ଛ ଭୋଟର ତାଲିକା ସହ ଯୋଗ୍ୟ ଭୋଟରଙ୍କ ଅନ୍ତର୍ଭୁକ୍ତିକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଉପ-ଜିଲ୍ଲାପାଳ ଶ୍ରୀ ଅବିନାଶ କୁମାର, ଆଇ.ଏ.ଏସ୍ ଯୋଗଦେଇ 'ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬' ର ଉଦ୍ଦେଶ୍ୟ ସଂପର୍କରେ ସବିଶେଷ ଆଲୋକପାତ କରିଥିଲେ । ଭୋଟର ତାଲିକାରେ ସ୍ୱଚ୍ଛତା ବଜାୟ ରଖିବା ଉପରେ ସେ ଗୁରୁତ୍ୱାରୋପ କରିବା ସହ ଭୋଟର ଜାଗରୁକତା ହିଁ ନିଜ ଅଧିକାର, ନିଜ କର୍ତ୍ତବ୍ୟ ଏବଂ ନିଜ ଦେଶ ହିତରେ ସମର୍ପିତ ବୋଲି ଦର୍ଶାଇଥିଲେ । ଭୋଟର ତାଲିକାରେ ସ୍ୱଚ୍ଛତା ପରି ପ୍ରତୀକାତ୍ମକ ଭାବେ ସେ ବେଳାଭୂମିରେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ମଧ୍ୟ ଅଂଶଗ୍ରହଣ କରିଥିଲେ ।ଉପସ୍ଥିତ ପଦାଧିକାରୀ, କର୍ମଚାରୀମାନେ ମଧ୍ୟ ବେଳାଭୂମି ସ୍ୱଚ୍ଛତାରେ ଯୋଗଦାନ ଦେଇଥିଲେ ।

ଭୋଟରମାନଙ୍କ ସକ୍ରିୟ ସହଯୋଗ, କାର୍ଯ୍ୟକ୍ରମରେ ଜଡିତ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମ ସଂପର୍କରେ ଉପ-ଜିଲ୍ଲାପାଳ ଉଲ୍ଲେଖ କରିଥିଲେ କ୍ଷ ଅଯୋଗ୍ୟ, ପୁନଃ ସ୍ଥାନିତ ହୋଇଥିବା ଭୋଟରଙ୍କୁ ବାଦ୍ ଦେଇ ସ୍ୱଚ୍ଛ ଭୋଟର ତାଲିକା ସ୍ୱଚ୍ଛ ନିର୍ବାଚନ ଦିଗରେ ସହାୟକ ବୋଲି ମତପ୍ରକାଶ କରିଥିଲେ କ୍ଷ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର (ନିର୍ବାଚନ) ଅଲେଖ ରଞ୍ଜନ ମହାକୁଡ଼, ସୁବ୍ରତ ଆର୍. ଶତପଥି, ରଙ୍ଗେଇଲୁଣ୍ଡା ବି.ଡ଼ି.ଓ, ବ୍ରହ୍ମପୁର ଓ କନିଷି ତହସିଲଦାର, କନିଷି ଅତିରିକ୍ତ ତହସିଲଦାର, ବ୍ରହ୍ମପୁର ମହାନଗର ନିଗମ ଆସିଷ୍ଟାଣ୍ଟ କମିଶନର, ଗୋପାଳପୁର ନିର୍ବାଚନ ଅଧିକାରୀଙ୍କ ସମେତ ଆହୁରି ଅନେକ ପଦାଧିକାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହାୟକ ହୋଇଥିଲେ । ବେଳାଭୂମି ପରି ଏକ ମନୋରମ ସ୍ଥାନରେ ଉଭୟ ପ୍ରାତଃ ଏବଂ ସାନ୍ଧ୍ୟକାଳୀନ ଏପରି ସଚେତନତା କାର୍ଯ୍ୟକ୍ରମ ଆୟୋଜନ ବୁଦ୍ଧିଜୀବୀ ମହଲର ଆଦୃତି ଲାଭ କରିଛି ।

# ପାନୀୟ ଜଳ ଯୋଗାଣ ଭିତ୍ତିଭୂମିର ସମୀକ୍ଷା କରିଲେ ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ



ଭୁବନେଶ୍ୱର, (ବି.ଖ):ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମାନ୍ୟବର ମନ୍ତ୍ରୀ ଆଜି ଭୁବନେଶ୍ୱରସ୍ଥିତ ରାଜ୍ୟ ଗ୍ରାମୀଣ ଉନ୍ନୟନ ପ୍ରତିଷ୍ଠାନ (SIRD) ସମ୍ମିଳନୀ କକ୍ଷରେ ରାଜ୍ୟର ବିଭିନ୍ନ ମେଗା ପାଇପ୍ଡ ୱାଟର ସପ୍ଲାଏ (PWS) ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି । ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ନିରବଚ୍ଛିନ୍ନ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲକ୍ଷ୍ୟରେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ସ୍ଥିତି, ଭୌତିକ ପ୍ରଗତି ଓ ସମୟସୀମା ପାଳନ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା ।

ସମୀକ୍ଷାରେ ସୂଚନା ଦିଆଯାଇଥିଲା ଯେ, ରାଜ୍ୟରେ ୩୬ଟି ମେଗା ପାଇପ୍ଡ ୱାଟର ସପ୍ଲାଏ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି । ସେହିପରି ଅନ୍ୟ ୫୦ଟି ପ୍ରକଳ୍ପରେ ଇଣ୍ଟେକ୍ ଓ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ (WTP) ସମ୍ବନ୍ଧୀୟ କାର୍ଯ୍ୟ ଶେଷ ହୋଇଛି । ଅବଶିଷ୍ଟ କାର୍ଯ୍ୟଗୁଡ଼ିକୁ ଦ୍ରୁତ ଗତିରେ ସମାପ୍ତ କରି ଲୋକଙ୍କୁ ଶୀଘ୍ର ପାନୀୟ ଜଳ ସେବା ଉପଲବ୍ଧ କରିବା ପାଇଁ ସମସ୍ତ ଜନସ୍ୱାସ୍ଥ୍ୟ ଡିଭିଜନ ଓ କାର୍ଯ୍ୟନିର୍ବାହୀ ଏଜେନ୍ସିମାନଙ୍କୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ପ୍ରକଳ୍ପ ମାର୍ଚ୍ଚ ୨୦୨୭ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ହେବ । ନିର୍ଦ୍ଧାରିତ ସମୟସୀମା ପାଳନରେ ବିଫଳ ହେଉଥିବା ଏଜେନ୍ସିଙ୍କ ବିରୋଧରେ ଜରିମାନା ଆଦାୟ ସହ ବ୍ଲାକଲିଷ୍ଟ କରିବା ଭଳି କଠୋର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ । ପ୍ରକଳ୍ପଗୁଡ଼ିକରେ ପର୍ଯ୍ୟାପ୍ତ ଜନଶକ୍ତି ନିୟୋଜନ, ନିୟମିତ ତଦାରଖ ଓ ଗୁଣାତ୍ମକ କାର୍ଯ୍ୟ ସୁନିଶ୍ଚିତ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ ।

ଏହି ସମୀକ୍ଷା ବୈଠକରେ ବିଭାଗୀୟ ସଚିବ ଶ୍ରୀ ଗିରିଶ ଏସ୍.ଏନ୍., ପାନୀୟ ଜଳ ନିର୍ଦ୍ଦେଶକ ଶ୍ରୀ ବିନୀତ ଭରଦ୍ୱାଜ, ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ରତ୍ନାକର ସିଆଲ, ବିଭିନ୍ନ RWSS ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଏବଂ ମେଗା ପ୍ରକଳ୍ପ କାର୍ଯ୍ୟନିର୍ବାହୀ ଏଜେନ୍ସିମାନଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବିଏମ୍‌ସି ପକ୍ଷରୁ ଏସ୍ଆଇଆର୍ ତାଲିମ ନେଲେ ୭ ଶହରୁ ଅଧିକ ବିଏଲ୍ଏ

ଭୁବନେଶ୍ୱର : ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ଆଜି ବୁଥ୍ ଲେବଲ ଏଜେଣ୍ଟ(ବିଏଲ୍ଏ) ଓ ସୁପରଭାଇଜରମାନଙ୍କୁ ନେଇ ୩ଟି ପର୍ଯ୍ୟାୟରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୧୧୪ ବିଧାନସଭା ନର୍ବାଚନ ମଣ୍ଡଳି ଅନ୍ତର୍ଗତ ୨୪୮ଟି ବୁଥର ବିଏଲ୍ଏ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ୨୪୮ଟି ବୁଥ ପାଇଁ ବିଭିନ୍ନ ରାଜନୈତିକ ଦଳ ଯଥା-ବିଜେପି, ବିଜେଡି ଓ କଂଗ୍ରେସ ଆଦିର ଏଜେଣ୍ଟମାନେ ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଅର୍ଥାତ୍ ୩ଟି ପର୍ଯ୍ୟାୟରେ ମୋଟ ୭ ଶହରୁ ଅଧିକ ବିଏଲ୍ଏଙ୍କୁ ତାଲିମ ଦିଆଯାଇଥିଲା ।

ଦକ୍ଷିଣ-ପଶ୍ଚିମ ଜୋନାଲ କମିଶନର ତଥା ଇଲେକ୍ଟ୍ରୋରାଲ ରେଜିଷ୍ଟ୍ରେସନ ଅଫିସର (ଇଆରଓ) ଶ୍ରୀ ରାକେଶ କୁମାର ପାତ୍ର, ବିଏଲ୍ଏମାନଙ୍କୁ ତାଲିମ ଦେଇଥିଲେ । ସେମାନେ କିପରି ଫର୍ମ ପ୍ରଦାନ କରିବେ, କିପରି ପୂରଣ କରାଯିବ, ଫର୍ମ ଗ୍ରହଣ କରାଯିବାର ଶେଷ ତାରିଖ, ଯେଉଁମାନେ ବାହାରେ ଅଛନ୍ତି ସେମାନଙ୍କର କିପରି ସଂଶୋଧନ କରାଯିବ, ନୂତନ ଭୋଟରଙ୍କୁ କିପରି ତାଲିକାରେ ସଂଯୋଗ କରାଯିବ, ଦୁଇଟି ସ୍ଥାନରେ ଭୋଟର ତାଲିକାରେ ନାମ ଥିଲେ ଗୋଟିଏଠାରୁ କିପରି କଟିବ ଗୋଟିଏଠାରେ କିପରି ରହିବ ଇତ୍ୟାଦି ସଂପର୍କରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ । ପରିଗଣନା ଫର୍ମ ପୂରଣ ଅବଧି ମଇ ୩୦ ତାରିଖରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ରହିଛି । ଏହା ପରେ ଚିଠା ଭୋଟର ତାଲିକା ଜୁନ୍ ୫ ତାରିଖରେ ପ୍ରକାଶ ପାଇବ । ଏହା ପରେ ଯଦି କୌଣସି ଭୋଟରଙ୍କର କିଛି ଦାବି ଆପତ୍ତି ଥାଏ, ତାହା ସେମାନେ ଜୁନ୍ ୫ ତାରିଖରୁ ଅଗଷ୍ଟ ୭ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଯେଉଁମାନେ କୌଣସି ଦାବି ଆପତ୍ତି କରିଥିବେ, ସେମାନଙ୍କୁ ନୋଟିସ ଦେବା ଏବଂ ସେମାନଙ୍କ ଅଭିଯୋଗ ଶୁଣାଣି ଜୁନ୍ ୫ ତାରିଖରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଚୂଡ଼ାନ୍ତ ଭୋଟର ତାଲିକା ସେପ୍ଟେମ୍ବର ୯ ତାରିଖରେ ପ୍ରକାଶ ପାଇବ ବୋଲି କୁହାଯାଇଛି ।

ଏହି ଅବସରରେ କିଛି ସମୟ ପାଇଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ଚାଲିଥିଲା । ବିଭିନ୍ନ ରାଜନୈତିକ ଦଳ ବିଏଲଏମାନେ ବିଭିନ୍ନ ପ୍ରଶ୍ନ କରିଥିଲେ । ତାର ଯଥାଯଥ ତଥା ଆଇନ ସମ୍ମତ ଉତ୍ତର ଇଆରଓ ଦେଇଥିଲେ । ନିୟମ ଅନୁଯାୟୀ କଣ କଣ କରିବାକୁ ହେବ ସେ ସଂପର୍କରେ ଅବଗତ କରାଇଥିଲେ ।

ଜୁନ୍ ୨୮ ତାରିଖ ସୁଦ୍ଧା ସମସ୍ତ ଯୋଗ୍ୟ ଭୋଟରଙ୍କୁ ଫର୍ମ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଛି । କାରଣ ୨୮ ତାରିଖ ସୁଦ୍ଧା ପ୍ରତ୍ୟେକ ଯୋଗ୍ୟ ଭୋଟର ଫର୍ମ ପୂରଣ କରି ନଦେଲେ, ସେମାନଙ୍କରନାମ ଚିଠା ଭୋଟର ତାଲିକାରେ ପ୍ରକାଶ ପାଇବ ନାହିଁ । ତେଣୁ ସେଥିପ୍ରତି ସମସ୍ତ ରାଜନୈତିକ ଦଳର ବୁଥ୍ ଲେଭଲ ଏଜେଣ୍ଟେ ଗୁରୁତ୍ୱର ସହ କାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ବିଏମ୍ ସି କମିଶନର ଶ୍ରୀ ଚଞ୍ଚଳ ରାଣା । ଏଥିପାଇଁ ବ୍ୟକ୍ତିଗତ ସ୍ତରରେ ସମସ୍ତେ ଜନ ସଚେତନତା ସୃଷ୍ଟି କରିବା ପାଇଁ ପରାମର୍ଶ ଦିଆଯାଇଛି । କାରଣ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା କାର୍ଯ୍ୟ କରିବା କଷ୍ଟକର । ଅପରପକ୍ଷେ ଇଆରଓ, ଏଇଆରଓ, ବିଏଲଓ, ବିଏଲ୍ଏ ସର୍ବୋପରି ସାଧାରଣ ନାଗରିକ, ସମସ୍ତେ ଆନ୍ତରିକତାର ସହ କାର୍ଯ୍ୟକଲେ, ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ସଫଳ ହେବ ବୋଲି କହିଛନ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ।

ଏହି କାର୍ଯ୍ୟକ୍ରମରେ ବିଏମ୍ ସି ଡେପୁଟି କମିଶନର ଶାନ୍ତିସ୍ୱରୂପ ମିଶ୍ର, ଡେପୁଟି କମିଶନର ପ୍ରଣବ କୁମାର ଚାନ୍ଦ, ସହକାରୀ କମିଶନର ସୁଶ୍ରୀ ସ୍ମୃତିରେଖା ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ ।

## ସମ୍ବଲପୁରରେ ଅନ୍ତଃନଦୀ ଜଳାଶୟ ପାଇଁ ୪୪୦ କୋଟି ଟଙ୍କା ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ

# ସମ୍ବଲପୁରରେ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ ହେବା ସହ ଯୋଗାଯୋଗ ଓ ପର୍ଯ୍ୟଟନ ସୁଦୃଢ଼ ହେବ : ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର,ଭୁବନେଶ୍ୱର, : ସମ୍ବଲପୁର ଅଯୋଧ୍ୟାସାଗର ଓ୍ୱେୟାର ନିକଟରେ ମହାନଦୀ ଶଯ୍ୟାରେ ଏକ ନୂତନ ଅନ୍ତ ନଦୀ ଜଳାଶୟ (ISS) ବ୍ରିଜ୍-କମ୍-ବ୍ୟାରେଜ୍ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ୍ ? ମଞ୍ଜୁରୀ ପ୍ରଦାନ କରିଥିବାରୁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପ୍ରାୟ ୪୪୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ମେଗା ପ୍ରକଳ୍ପ ସମ୍ବଲପୁରର ବିକାଶ ଗତିକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ସେ 'ଏକ୍ସ'ରେ ପ୍ରକାଶ କରିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହି ଯୁଗାନ୍ତକାରୀ ପଦକ୍ଷେପ ସମ୍ବଲପୁର ସମେତ ଏହାର ପାର୍ଶ୍ୱବର୍ତ୍ତୀ ସମଗ୍ର ଅଞ୍ଚଳରେ ଯୋଗାଯୋଗ ଓ ଗମନାଗମନ ବ୍ୟବସ୍ଥାକୁ ବେଶ୍ ସୁଦୃଢ଼ କରିବ । ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ ହେବା ସହିତ ଭୂତଳ ଜଳସ୍ତର ବୃଦ୍ଧି କରିବାରେ ଏହି ପ୍ରକଳ୍ପ ବେଶ୍ ସହାୟକ ହେବ । କେବଳ ସେତିକି ନୁହେଁ, ଜଳସେଚନର ସୁବିଧା ହେବା ଦ୍ୱାରା ସ୍ଥାନୀୟ କୃଷି, ପଶୁପାଳନ ଓ ମତ୍ସ୍ୟ ଚାଷ ସମେତ ଆନୁଷଙ୍ଗିକ ଜୀବିକା ଅଧିକ ସୁଦୃଢ଼ ହେବ ଏବଂ ଅଞ୍ଚଳର ଅର୍ଥନୈତିକ ସମୃଦ୍ଧି ଆଣିବ । ଏହି ପ୍ରକଳ୍ପ କେବଳ ଭିତ୍ତିଭୂମିର ବିକାଶ କରିବ ନାହିଁ, ବରଂ ସମ୍ବଲପୁରର ଐତିହ୍ୟ ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ଏକ ନୂଆ ପରିଚୟ ଦେବ ।ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ପ୍ରକଳ୍ପଟି ନୌଚାଳନା ଭଳି ପର୍ଯ୍ୟଟନ କାର୍ଯ୍ୟକଳାପକୁ ବ୍ୟାପକ ପ୍ରୋତ୍ସାହନ ଦେବ । ଏହାସହିତ ଅଞ୍ଚଳର ଆରାଧ୍ୟ ଦେବୀ ମା' ସମଲେଶ୍ୱରୀ ମନ୍ଦିର ନିକଟରେ ଏକ ସୁନ୍ଦର 'ଆଳତି ଘାଟ' ଭାବେ ଏହାକୁ ବିକଶିତ କରାଯିବ । ଯାହା ଆଗାମୀ ଦିନରେ ସମ୍ବଲପୁରର ଧାର୍ମିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରିବେଶକୁ ଅଧିକ ଋଦ୍ଧିମନ୍ତ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

# ସମଗ୍ର ମହିଳାଙ୍କ ସର୍ବକାଳୀନ ଆଦର୍ଶ ଥିଲେ ନନ୍ଦିନୀ ଶତପଥୀ



ଭୁବନେଶ୍ୱର: ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଓଡିଶା ସରକାରଙ୍କ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ତଥା ବିଭିନ୍ନ ସଂଗଠନ ପକ୍ଷରୁ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ, ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ, ବିଶିଷ୍ଟ ସାହିତ୍ୟିକା ତଥା ବହୁମୁଖୀ ପ୍ରତିଭାଦୀପ୍ତା ବ୍ୟକ୍ତିତ୍ୱ ସ୍ୱର୍ଗତ ନନ୍ଦିନୀ ଶତପଥୀଙ୍କ ୯୬ ତମ ଜୟନ୍ତୀ ସ୍ଥାନୀୟ ସୂର୍ଯ୍ୟନଗରସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ଅଭିଯାନର ଅଧ୍ୟକ୍ଷ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଶ୍ରୀଯୁକ୍ତ ଶତପଥୀ ନନ୍ଦିନୀ ଥିଲେ ଏକାଧାରରେ ଜଣେ ବିଶିଷ୍ଟ ରାଜନୀତିଜ୍ଞ, ଦକ୍ଷ, ନିଷ୍ଠାପର ସ୍ୱଷ୍ଟ ବାଦୀ ସହିତ ଭୂସଂସ୍କାର ଆଇନ ଆଣିବା, କୃଷି, କୃଷକଙ୍କ ଉନ୍ନତି ପାଇଁ ସମର୍ପିତ ଭାବେ କାର୍ଯ୍ୟକ୍ରମ କରିବା, ସମଗ୍ର ମହିଳାଙ୍କ କଲ୍ୟାଣ ନିମିତ୍ତ ବିଭିନ୍ନ ଯୋଜନା ପ୍ରଣୟନ କରିବା, ସାହିତ୍ୟ ମାଧ୍ୟମରେ ସମାଜ ଓ ମହିଳାଙ୍କ ବୈପ୍ଲବିକ ଉନ୍ନତି କରିବା ପ୍ରମୁଖ ଥିଲା ତାଙ୍କର ସ୍ୱତନ୍ତ୍ର ପରିଚୟ କ୍ଷ ଏହି ଅବସରରେ ଅନ୍ୟ ବିଶିଷ୍ଟ ଅତିଥି ମାନଙ୍କ ମଧ୍ୟରେ ଭୁବନେଶ୍ୱର ମହାନଗର ମେୟର ସୁଲୋଚନା ଦାସ, ପ୍ରାକ୍ତନ ସାଂସଦ ତଥା ଧରିତ୍ରୀ ଓ ଓରିଶା ପୋଷ୍ଟ ସମ୍ପାଦକ ତଥାଗତ ଶତପଥୀ, କାର୍ଯ୍ୟନିର୍ବାହୀ ଆଧାଶା ଶତପଥୀ, ପ୍ରାକ୍ତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ସୁରସେନ ଜେନା,ପତ୍ରକାର ଅରବିନ୍ଦ ତ୍ରିପାଠୀ, ପୁଜ୍ୟପୂଜା ପ୍ରାଣ ଗିରିଜା ମହାପାତ୍ର, ବିଜୟ କୁମାର ପ୍ରଧାନ,ବିଜୟ ପରିଡା ଅନୁ ସାହୁ, ସାମ୍ବାଦିକା ଶୁଚିସ୍ମିତା ସାହୁ ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ରହିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ କ୍ଷ ଆଜିର ଯୁବ ପୀ ? ବିଶେଷ ଭାବେ ମହିଳା ମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଧରିତ୍ରୀ ପରିବାରଙ୍କ ସହିତ ବିଭିନ୍ନ ସାଂସ୍କୃତିକ ସଂଗଠନ ମାନେ ଉପସ୍ଥିତ ରହିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବୋଲି ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି ।

# ଏମ୍ସ ଭୁବନେଶ୍ୱରରେ ମହିଳାଙ୍କ ହାତରୁ କଢ଼ାଗଲା ୭ କିଲୋଗ୍ରାମର ବିଶାଳ ଟ୍ୟୁମର

ଭୁବନେଶ୍ୱର : ଏମ୍ସ ଭୁବନେଶ୍ୱରର ବର୍ଣ୍ଣସ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ଡାକ୍ତରମାନେ ଜଣେ ୪୭ ବର୍ଷୀୟା ମହିଳାଙ୍କର ବାମ ହାତରେ ଥିବା ଏକ ବିଶାଳ ପ୍ଲେକ୍ସିଫର୍ମ ନ୍ୟୁରୋଫାଇବ୍ରୋମା ଟ୍ୟୁମରକୁ ସଫଳତାର ସହିତ ଅସ୍ତ୍ରୋପଚାର ମାଧ୍ୟମରେ ଚିକିତ୍ସା କରିଛନ୍ତି । ପ୍ରାୟ ତିନି ଦଶନ୍ଧି ଧରି ପୀଡ଼ିତାଙ୍କ ଜୀବନକୁ ଗୁରୁତର ଭାବରେ ପ୍ରଭାବିତ କରିଥିବା ୭ କିଲୋଗ୍ରାମର ଏହି ବିଶାଳ ଟ୍ୟୁମରକୁ ଦୁଇଟି ପର୍ଯ୍ୟାୟରେ କଢ଼ାଯାଇଛି । ଏଥିସହିତ ଉଭୟ ଶାରିରୀକ ଏବଂ ମାନସିକ ଯନ୍ତ୍ରଣା ଭୋଗୁଥିବା ଜଣେ ଆଦିବାସୀ ମହିଳାଙ୍କ ଜୀବନରେ ଆସିଛି ଗୁଣବତ୍ତାପୂର୍ଣ୍ଣ ଜୀବନ ବଞ୍ଚିବାର ନୂତନ ସୁଯୋଗ ।

ମୟୂରଭଞ୍ଜ ଜିଲ୍ଲା, ବାରିପଦାର ଜଣେ ଦିନମଜୁରିଆ ଶ୍ରମିକ ପ୍ରାୟ ୩୦ ବର୍ଷଧରି ତାଙ୍କ ବାମ ହାତର ମଧ୍ୟଭାଗରୁ ହାତର ପଛ ପାର୍ଶ୍ୱ ପର୍ଯ୍ୟନ୍ତ ଏକ ବିରାଟ ଝୁଲନ୍ତା ଫୁଲା ସହିତ ବଞ୍ଚିଆସୁଥିଲେ । ସମୟ ସହିତ, ଟ୍ୟୁମରଟି କ୍ରମଶଃ ବୃଦ୍ଧି ପାଇଲା, ଅତ୍ୟନ୍ତ ଭାରୀ ହୋଇଗଲା ଏବଂ ଗୁରୁତ୍ୱପୂର୍ଣ୍ଣ ଅକ୍ଷମତା ସୃଷ୍ଟି କଲା । ଏହା ମହିଳାଙ୍କର କାନ୍ଧର ଗତିକୁ ଗୁରୁତର ଭାବରେ ପ୍ରତିବନ୍ଧିତ କରିବା ସହିତ ହାତର କାର୍ଯ୍ୟକ୍ଷମତା ନଷ୍ଟ କଲା ଏବଂ ଦୈନନ୍ଦିନ କାର୍ଯ୍ୟକଳାପକୁ କ୍ରମଶଃ କଷ୍ଟକର କରିଦେଲା । ଦୀର୍ଘ ସମୟ ଧରି ଚାପ ଯୋଗୁଁ ଉପର ଚର୍ମ ମଧ୍ୟ କଳା ଏବଂ ଘାଆ ହୋଇଗଲା ।

ଅସ୍ତ୍ରୋପଚାର ପୂର୍ବ ପରୀକ୍ଷାରୁ ପ୍ରାୟ ୪୫ ସେମି ଲମ୍ବ ଏକ ରକ୍ତବାହୀ କ୍ଷତ ଥିବା ଜଣାପଡ଼ିଥିଲା । ଏହି କାରଣରୁ ରକ୍ତସ୍ରାବର ଯଥେଷ୍ଟ ବିପଦ ହେତୁ ଅସ୍ତ୍ରୋପଚାର ବିଶେଷ ଭାବରେ ଆହ୍ୱାନଭରା ଥିଲା ।

ମାମଲାର ଜଟିଳତାକୁ ଦୃଷ୍ଟିରେ ରଖି, ରୋଗୀଙ୍କୁ ଦୁଇଟି ପର୍ଯ୍ୟାୟରେ ଅସ୍ତ୍ରୋପଚାର କରାଯାଇଥିଲା । ପ୍ରଥମ ଅସ୍ତ୍ରୋପଚାର ଛଅ ଘଣ୍ଟା ଧରି ଚାଲିଥିଲା । ଏହି ପ୍ରକ୍ରିୟାରେ ଟ୍ୟୁମରର ଆଗ ଅଂଶକୁ କାଢି ଦିଆଯାଇଥିଲା । ଛଅ ମାସର ବ୍ୟବଧାନ ପରେ, ହାତ ଅଂଶକୁ କାଟିବା ପାଇଁ ଦ୍ୱିତୀୟ ଅସ୍ତ୍ରୋପଚାର କରାଯାଇଥିଲା, ଯାହା ପ୍ରାୟ ତିନି ଘଣ୍ଟା ଧରି ଚାଲିଥିଲା ।

ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇ, ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ, ଜଟିଳ ଅସ୍ତ୍ରୋପଚାରର ସଫଳ ସମ୍ପାଦନକୁ ପ୍ରଶଂସା କରିଥିଲେ । ଏହି ପ୍ରକ୍ରିୟା ମହିଳାଙ୍କୁ ଏକ ନୂତନ ଜୀବନ ପ୍ରଦାନ କରିଥିବା ଡ. ବିଶ୍ୱାସ ପ୍ରକାଶ କରିଥିଲେ ।

ବର୍ଣ୍ଣ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ଶଲ୍ୟଚିକିତ୍ସା ଦଳରେ ଡ. ସଞ୍ଜୟ କୁମାର ଗିରି, ଡ. ଶ୍ୟାମ ସୁନ୍ଦର ବେହେରା, ଡ. ଆହାନା ବନ୍ଦୋପାଧ୍ୟାୟ, ଡ. ସୂର୍ଯ୍ୟ ଯଶସ୍ୱୀ ପିଭିଏସ, ଡ. କୀର୍ତ୍ତି ଜି, ଡ. ନିଖିଲ କୁମାର ଶର୍ମା ଏବଂ ଡ. ଆଶୁତୋଷ ଅଧିକାରୀ ଥିଲେ । ଡ. ଦେବୀଶ୍ରୀ ଦାସ ଏବଂ ଡ. ପୂଜା ଆନାସ୍ଥେସିଆ ସହାୟତା ପ୍ରଦାନ କରିଥଲେ ।

ଏହି ଅସ୍ତ୍ରୋପଚାରକୁ ପ୍ରଭାବଶାଳୀ ଏବଂ ସଫଳ କରିବା ପାଇଁ ଉନ୍ନତ ବାହ୍ୟ ସିଲିଂ ପ୍ରଯୁକ୍ତିବିଦ୍ୟା, ଲିଗାସିଯୋର ବ୍ୟବହାର କରାଯାଇଥିଲା । ଟ୍ୟୁମର ଅପସାରଣ ପରେ, କଟାଯାଇଥିବା ଟିସୁରେ ଉପଲବ୍ଧ ବ୍ୟବହାରଯୋଗ୍ୟ ଚର୍ମରୁ ସଂଗୃହିତ ଚର୍ମ ଗ୍ରାଫ୍ଟ ବ୍ୟବହାର କରି, କଞ୍ଚା ଅଞ୍ଚଳଗୁଡ଼ିକୁ ପୁନଃନିର୍ମାଣ କରାଯାଇଥିଲା ।

# ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କୁ ସାକ୍ଷାତ କଲେ ଓଡିଶା ରାଇସ ମିଲର୍ସ ମହାସଂଘ କର୍ମକର୍ତ୍ତା



## *ମିଲିଂ ଖର୍ଚ୍ଚ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କୁ ଜଣାଇଲେ ଧନ୍ୟବାଦ*

ଭୁବନେଶ୍ୱର: ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ସହ ଓଡିଶା ରାଇସ ମିଲର୍ସ ସଂଘ ପ୍ରତିନିଧି ମାନେ ସାକ୍ଷାତ କରିଛନ୍ତି । ମନ୍ତ୍ରୀଙ୍କ ସରକାରୀ ବାସଭବନରେ ଏହି କର୍ମକର୍ତ୍ତା ମାନେ ସାକ୍ଷାତ କରି ମିଲିଂ ଖର୍ଚ୍ଚ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ଏଥିସହ କର୍ମକର୍ତ୍ତା ମାନେ ଖୁସିବ୍ୟକ୍ତ କରିବା ସହ ଆଗାମୀ ଦିନରେ ସହଯୋଗ ଜାରି ରହିବ ବୋଲି କହିଥିଲେ । ନିକଟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମିଲିଂ ଦରକୁ ଦୁଇଗୁଣା ବୃଦ୍ଧି କରିଛନ୍ତି । ଉଷୁନା ଚାଉଳର ମିଲିଂ ଦର ପୂର୍ବରୁ କ୍ୱିଣ୍ଟାଲ ପିଛା ୨୦ ଟଙ୍କା ଥିବା ବେଳେ ଏହାକୁ ୪୦ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ଅରୁଆ ଚାଉଳର ମିଲିଂ ଦର କ୍ୱିଣ୍ଟାଲ ପିଛା ୧୦ ଟଙ୍କା ଥିବା ବେଳେ ଏହାକୁ ୨୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଗତ କିଛି ବର୍ଷ ମଧ୍ୟରେ ଶ୍ରମିକ ମଜୁରୀ, ଇନ୍ଧନଏବଂ ଅନ୍ୟାନ୍ୟ ମିଲିଂ ସାମଗ୍ରୀର ଦର ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ମିଲିଂ ଦର ବୃଦ୍ଧି କରାଯାଇଛି । ଏହାଦ୍ୱାରା ମିଲର ମାନଙ୍କ ସମସ୍ୟା ଦୂର ହେବା ସହ ଚାଷୀ ମାନଙ୍କ ଠାରୁ ସୁରୁଖୁରରେ ଧାନ ସଂଗ୍ରହ ହୋଇପାରିବ । ଏଥିସହ ରାଜ୍ୟର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ହେବ ବୋଲି ଆଶା କରାଯାଉଛି । ଏହି ଅବସରରେ ଓଡିଶା ରାଇସ ମିଲର୍ସ ଆସୋସିଏସନ ସାଧାରଣ ସମ୍ପାଦକ ଶ୍ରୀ ଲକ୍ଷ୍ମୀନାରାୟଣ ଦୀପକ ରଞ୍ଜନ ଦାସଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟରେ ଏନ୍‌ଇପି ଆଧାରରେ ସ୍କୁଲରେ ହେବ ପାଠପଢା



ଭୁବନେଶ୍ୱର: ଜାତୀୟ ଶିକ୍ଷା ନୀତି (ଏନ୍.ଇପି)-୨୦୨୦କୁ ବିଦ୍ୟାଳୟ ସ୍ତରରେ ଲାଗୁ କରିଛନ୍ତି ରାଜ୍ୟ ସରକାର। ଏନ୍‌ଇପି-୨୦୨୦ ଅନୁଯାୟୀ, ପାଠ୍ୟକ୍ରମ ରୂପରେଖ ମଧ୍ୟ ପରିବର୍ତ୍ତନ ହୋଇଛି। ଓଡିଶା ପାଠ୍ୟକ୍ରମ ରୂପରେଖ- ବିଦ୍ୟାଳୟ ଶିକ୍ଷା-୨୦୨୫କୁ ଆଧାର କରି ପାଠ୍ୟପୁସ୍ତକ ବଦଳାଯାଇଛି । ଏନ୍‌ଇପି ଆଧାରରେ ସ୍କୁଲରେ ପାଠପଢା ହେବ। ସମସ୍ତ ଶ୍ରେଣୀର ପିଲାଙ୍କ ଉପରୁ ବିଷୟବସ୍ତୁର ଭାର ହ୍ରାସ କରାଯିବ। ଗୋଟିଏ ଶିକ୍ଷାବର୍ଷରେ ୨୩୦ଦିନ ସ୍କୁଲ ଖୋଲାଯିବ। ଏଥିରୁ ୨୦ଦିନ ବିଭିନ୍ନ ଗଠନମୂଳକ ମାନ ନିର୍ଦ୍ଧାରଣ, ସମାପ୍ତି ସୂଚକ ମାନ ନିର୍ଦ୍ଧାରଣ ଭଳି ଅନ୍ୟ କାର୍ଯ୍ୟ ପାଇଁ ଦିଆଯିବ । ୨୦ଦିନ ସ୍କୁଲର ବାର୍ଷିକ ଉତ୍ସବ, କ୍ରୀଡା ଉତ୍ସବ ଓ ଅନ୍ୟ ଉତ୍ସବ ଆଦି ପାଳନ କରାଯିବ। ଏଥିସହ ବାର୍ଷିକ ୧୦ ଦିନ ବ୍ୟାଗ୍‌ବିହୀନ ଦିବସ ଅର୍ଥାତ୍ ବିନା ବ୍ୟାଗ୍‌ରେ ଛାତ୍ରଛାତ୍ରୀମାନେ ସ୍କୁଲକୁ ଆସିବେ। ଏସବୁକୁ ବାଦ୍ ଦେବା ପରେ, ଶିକ୍ଷାବର୍ଷରେ ୧୯୦ଦିନ ଶିକ୍ଷାଦାନ କରାଯିବ। ଏପରି ଏକ ନୂଆ ସମୟ ସାରଣୀ ପ୍ରସ୍ତୁତ କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଏନେଇ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରାଯାଇଛି।

ବିଭାଗର ସୂଚନା ଅନୁଯାୟୀ, ମଧ୍ୟସ୍ତର ଅର୍ଥାତ୍ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବସ୍ତାନି ବିହୀନ ଦିବସ ପାଳନ କରାଯିବ। ବୃତ୍ତିଗତ ଶିକ୍ଷା ପାଇଁ ଉଦ୍ଦିଷ୍ଟ ୪ଟି ପିରିୟଡରୁ ଗୋଟିଏ ପିରିୟଡ ବସ୍ତାନି ବିହୀନ ଦିବସ ଭାବେ ପାଳନ କରାଯିବ । ବିଶେଷ କରି ଶନିବାର ଦିନ ଏହାକୁ ପାଳନ କରାଯିବ । ବିଭାଗ କହିଛି, ମଧ୍ୟସ୍ତର ଶିକ୍ଷାର୍ଥୀଙ୍କ ପାଇଁ ବିଷୟଭିତ୍ତିକ ଗୁରୁତ୍ୱ ଓ ରାଜ୍ୟର ସାଂପ୍ରତିକ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖାଯାଇଛି। ଏଥିପାଇଁ ପ୍ରତ୍ୟେକ କାର୍ଯ୍ୟ ଦିବସରେ ୭ଟି ଲେଖାଏଁ ପରିୟଡ୍ ରହିବ । ସମସ୍ତ ଶ୍ରେଣୀ ପାଇଁ ସପ୍ତାହକୁ ୪୨ଟି ପିରିୟଡ୍ କ୍ଲାସ ହେବ । ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସମୟ ସାରଣୀ ପ୍ରସ୍ତୁତ କରାଯାଇଛି । ଯାହାକୁ ସ୍କୁଲ କର୍ତ୍ତୃପକ୍ଷ ପାଳନ କରିବେ। ବିଭାଗ ଏନ୍‌ଇପି-୨୦୨୦କୁ ଆଧାର କରି କଳା ଓ ଶାରୀରିକ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେଇଛି । ଏହା ମଧ୍ୟ କୁହାଯାଇଛି, ଉଭୟର ଥିଓରୀ ସହ ପ୍ରାକ୍ଟିକାଲ କ୍ଲାସ ହେବ । ସମସ୍ତ ଶ୍ରେଣୀରେ ଗଣିତ,ବିଜ୍ଞାନ,କଳା ଶିକ୍ଷା,ଶାରିରୀକ ଶିକ୍ଷା/ବୃତ୍ତିଗତ ଶିକ୍ଷାରେ ଦୁଇଟି ଲେଖାଏଁ ସଂଯୁକ୍ତ ପିରିୟଡ୍‌କୁ ନେଇ ୮୦ରୁ ୯୦ ମିନିଟ୍‌ର ଶିକ୍ଷାଦାନ କରାଯିବ। ଯାହା ଦ୍ୱାରା ପ୍ରକଳ୍ପ ପ୍ରସ୍ତୁତି,ବିଜ୍ଞାନ ପରୀକ୍ଷଣ,ବିବରଣୀ ପ୍ରସ୍ତୁତି,ଭୂମିକା ଅଭିନୟ ପ୍ରସ୍ତୁତି ସହ ଉପସ୍ଥାପନା ହୋଇପାରିବ ।

ଶିଶୁବାଟିକା ପିଲାଙ୍କୁ ନେଇ ଗୋଲ୍ ବୈଠକ କରାଯିବ। ପ୍ରତ୍ୟେକ ଦିନ ପ୍ରଥମ ପିରିୟଡର ୧୫ ମିନିଟ୍ ଶିଶୁବାଟିକାର ଛାତ୍ରଛାତ୍ରୀଙ୍କୁ ନେଇ ଗୋଲ ବୈଠକ କାର୍ଯ୍ୟ ହେବ। ଏହି ସମୟରେ ଶିକ୍ଷକ ପିଲାମାନଙ୍କ ସହ ମୁକ୍ତ ବାର୍ତ୍ତାଳାପ କରିବେ । ଅନୁଭୂତି ଆଧାରିତ ଆଲୋଚନା କରିବେ ।

## ପ୍ରକାଶ ପାଇଲା ଓଜେଇଇ ରେଜଲ୍ଟ

**ଭୁବନେଶ୍ୱର:** ପ୍ରକାଶ ପାଇଛି ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା-୨୦୨୬ ପରୀକ୍ଷା ଫଳ। ଦକ୍ଷତା ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ସ୍ୱାଇଁ ପୁସ୍ତିକା ଉନ୍ମୋଚନ କରିଛନ୍ତି। ଏମବିଏରେ ତ୍ରିବିକ୍ରମ ପ୍ରଧାନ ଟପ୍ପର ହୋଇଛନ୍ତି। ସେହିପରି ଏମସିଏରେ ନରେନ୍ ପାତ୍ର, ଏମ୍.ଫାର୍ମାରେ ଶ୍ୟାମସୁନ୍ଦର ବେହେରା ଟପ୍ପର ହୋଇଛନ୍ତି। ମେ ୪ରୁ ମେ ୧୦ ଯାଏ ମଧ୍ୟରେ ଓଜେଇଇ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ମେ ୧୬ ତାରିଖରେ ପ୍ରୋଭିଜନାଲ୍ ଆନସର କି' ଜାରି କରାଯାଇଛି। ଚଳିତ ବର୍ଷ ପ୍ରାୟ ୧.୦୩ ଲକ୍ଷ ପରୀକ୍ଷାର୍ଥୀଙ୍କ ସରକାର ୯୯ଟି ସେଣ୍ଟରରେ କରିଥିଲେ । ଏଥିରୁ ୯୩ଟି ସେଣ୍ଟର ରାଜ୍ୟ ଭିତରେ ରହିଥିବା ବେଳେ ୬ଟି ସେଣ୍ଟର ରାଜ୍ୟ ବାହାରେ ରହିଥିଲା। କୋଲକାତାରେ ୩ଟି, ପାଟଣାରେ ୨ଟି ଓ ରାଞ୍ଚିରେ ୧ଟି ସେଣ୍ଟର ବ୍ୟବସ୍ଥା କରାଯାଇଥିଲା ।

### ଜିରାଙ୍ଗ ବୌଦ୍ଧ ମଠ ପରିଦର୍ଶନ କଲେ ରାଜ୍ୟପାଳ

# ମହେନ୍ଦ୍ରଗିରି ମେଳାରେ ଯୋଗ ଦେଲେ ରାଜ୍ୟପାଳ



ଭୁବନେଶ୍ୱର:ଡ଼ିଶାର ମାନ୍ୟବର ରାଜ୍ୟପାଳ ଡଃ ହରି ବାବୁ କମ୍ଭମପାଟି ସୋମବାର ଦିନ ଗଜପତି ଜିଲ୍ଲାର ଜିରାଙ୍ଗସ୍ଥିତ ଶାନ୍ତ ପରିବେଶରେ ଅବସ୍ଥିତ ବୌଦ୍ଧ ମଠ ପରିଦର୍ଶନ କରି ଭଗବାନ ବୁଦ୍ଧଙ୍କୁ ପ୍ରାର୍ଥନା କରି ବିଶ୍ୱଶାନ୍ତି, ସମୃଦ୍ଧି ଏବଂ ସମସ୍ତଙ୍କ ମଙ୍ଗଳ କାମନା କରିଛନ୍ତି ।ଏହି ଅବସରରେ ମଠର ସାଧୁସନ୍ଥ ଓ ସ୍ଥାନୀୟ ବାସିନ୍ଦାମାନେ ରାଜ୍ୟପାଳଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ପରିଦର୍ଶନ ସମୟରେ ରାଜ୍ୟପାଳ ମଠ ସଦସ୍ୟ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କର ମତାମତ ଓ ସମସ୍ୟା ଶୁଣିଥିଲେ।

ଭିଏତନାମରୁ ଭଗବାନ ବୁଦ୍ଧଙ୍କ ପବିତ୍ର ଅସ୍ଥି ଭାରତକୁ ଆଣିବାରେ ନିଜର ଭୂମିକାକୁ ସ୍ମରଣ କରାଇ ରାଜ୍ୟପାଳ କହିଥିଲେ ଯେ, ଏହି ପରିଦର୍ଶନ ତାଙ୍କ ପାଇଁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ। ମଠର ସାଧୁସନ୍ଥଙ୍କର ଭକ୍ତି, କରୁଣା, ସମ୍ପ୍ରୀତି ଓ ଆଧ୍ୟାତ୍ମିକ ଜ୍ଞାନର ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧତାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।

ଶାନ୍ତି, ସାଂସ୍କୃତିକ ବୁଝାମଣା ଏବଂ ଭଗବାନ ବୁଦ୍ଧଙ୍କ ଉପଦେଶ ପ୍ରଚାର ଓ ସଂରକ୍ଷଣରେ ମଠର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ। ରାଜ୍ୟପାଳ କହିଥିଲେ ଯେ, ଭବିଷ୍ୟତ ପିଢ଼ି ପାଇଁ ବୁଦ୍ଧଙ୍କ ଉପଦେଶକୁ ଜୀବନ୍ତ ରଖିବାରେ ମଠର ସାଧୁସନ୍ଥଙ୍କ ଉତ୍ସର୍ଗ ପ୍ରେରଣାଦାୟକ।

ପୂର୍ବାହ୍ନରେ ରାଜ୍ୟପାଳ ଗଜପତି ଜିଲ୍ଲାର ପବିତ୍ର ମହେନ୍ଦ୍ରଗିରି ପର୍ବତଠାରେ ଆୟୋଜିତ ମହେନ୍ଦ୍ରଗିରି ମେଳାର ମହାଯଜ୍ଞରେ ଯୋଗ ଦେଇଥିଲେ ଏବଂ ଐତିହାସିକ କୁନ୍ତୀ ମନ୍ଦିରରେ ପ୍ରାର୍ଥନା କରିଥିଲେ।

ମହେନ୍ଦ୍ରଗିରିକୁ ଓଡ଼ିଶାର ସ୍ଥାୟୀ ଆଧ୍ୟାତ୍ମିକ ଉତ୍ତରାଧିକାରର ପ୍ରତୀକ ଭାବେ ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ, ଏହି ପର୍ବତ ପିଢ଼ି ପରେ ପିଢ଼ି ଧର୍ମ, ଭକ୍ତି ଏବଂ ଐକ୍ୟକୁ ପ୍ରୋତ୍ସାହିତ କରୁଛି।

ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଏବଂ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନା ଉପସ୍ଥିତ ଥିଲେ।

# ଟାଣ ଖରାରେ ଚାଲି ଚାଲି ଯାଉଥିବା ବୃଦ୍ଧାଙ୍କୁ ନିଜ ଗାଡିରେ ବସାଇଲେ ବିଡିଓ



ତେନ୍ତୁଳିଖୁଣ୍ଟି: ପ୍ରଶାସନିକ ଅଧିକାରୀଙ୍କ ମାନବିକତାର ଏକ ନିଆରା ଚିତ୍ର ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ତେନ୍ତୁଳୀଖୁଣ୍ଟିରେ। ପ୍ରଚଣ୍ଡ ଖରା ଓ ଗରମ ମଧ୍ୟରେ ସ୍ୱାସ୍ଥ୍ୟ ପରୀକ୍ଷା ସାରି ଚାଲି ଚାଲି ଘରକୁ ଫେରୁଥିବା ଜଣେ ବୃଦ୍ଧାଙ୍କୁ ଦେଖି ସହାୟତାର ହାତ ବଢ଼ାଇଛନ୍ତି ବିଡିଓ । ନିଜ ଅଫିସ ଗାଡ଼ିରେ ବସାଇ ବୃଦ୍ଧାଙ୍କୁ ଘରେ ପହଞ୍ଚାଇ ମାନବିକତାର ପରିଚୟ ଦେଇଛନ୍ତି ତେନ୍ତୁଳୀଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀ । ଏହି ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ବେଳେ ଚାରିଆଡେ ପ୍ରଶଂସାର ସୁଅ ଛୁଟିଛି । ତେନ୍ତୁଳୀଖୁଣ୍ଟି ଠାରୁ ପ୍ରାୟ ୩ କିଲୋମିଟର ଦୂରରେ ଥିବା ଗୌଡ଼ଗୁଡା ଗାଁର ବୃଦ୍ଧା ସୁନାଦେଇ ବାଘ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଦ୍ୱିପ୍ରହରର ଟାଣ ଖରାରେ ତେନ୍ତୁଳୀଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିଲେ । ପରୀକ୍ଷା ସାରି ଔଷଧ ନେବା ପରେ ଘରକୁ ଫେରିବା ପାଇଁ କୌଣସି ଅଟୋ କିମ୍ବା ଯାନବାହନ ନ ମିଳିବାରୁ ସେ ପାଦରେ ଚାଲି ଚାଲି ଗାଁକୁ ଫେରୁଥିଲେ । ସେହି ସମୟରେ ନିଜ ସରକାରୀ କାର୍ଯ୍ୟରେ ବାହାରିଥିବା ତେନ୍ତୁଳୀଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀଙ୍କ ନଜର ପଡ଼ିଥିଲା ବୃଦ୍ଧାଙ୍କ ଉପରେ। ବୃଦ୍ଧାଙ୍କ ଅବସ୍ଥା ଦେଖି ସେ ଗାଡ଼ି ଅଟକାଇ ତାଙ୍କ ସହ କଥାବାର୍ତ୍ତା କରିଥିଲେ। ପରେ ନିଜେ ବୃଦ୍ଧାଙ୍କୁ ଧରି ଅଫିସ ଗାଡ଼ିରେ ବସାଇ ଗୌଡ଼ଗୁଡା ସ୍ଥିତ ତାଙ୍କ ଘରେ ସୁରକ୍ଷିତ ଭାବେ ପହଞ୍ଚାଇଥିଲେ । ବିଡିଓଙ୍କ ଏହି ମାନବିକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ବେଶ ପ୍ରଶଂସା କରାଯାଉଛି । ଭାଇରାଲ ଭିଡିଓରେ ଜଣେ ପ୍ରଶାସନିକ ଅଧିକାରୀଙ୍କ ସମ୍ବେଦନଶୀଳତା ଓ ସାମାଜିକ ଦାୟିତ୍ୱବୋଧର ଚିତ୍ର ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି। ବିଡିଓ ମନୋଜ ପାଣିଗ୍ରାହୀଙ୍କ କହିବା ଅନୁସାରେ, ବୃଦ୍ଧା ସୁନାଦେଇ ବାଘ ଭତ୍ତା, ରାଶନ ଚାଉଳ ସମେତ ବିଭିନ୍ନ ସରକାରୀ ଯୋଜନାର ସୁବିଧା ପାଉଛନ୍ତି । ତାଙ୍କୁ ତୁରନ୍ତ ଏକ ହ୍ୱିଲଚେୟାର ଯୋଗାଇ ଦେବା ପାଇଁ ବିଏସଏସଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ସ୍ୱାସ୍ଥ୍ୟ ବିଭାଗର ଟିମ ନିୟମିତ ଭାବେ ଘରକୁ ଯାଇ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

## ଭଦ୍ରକର ବନ୍ତ ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ



ଭଦ୍ରକ : ଭଦ୍ରକର ବ୍ଲକ ପଂଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଆଜି ଜିଲ୍ଲାପାଳକଂ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୯୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୬୮ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୨୭ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧିନସ୍ଥ ୩ଟି ଅଭିଯୋଗ ରହିଥିଲା। ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୩ ଜଣ ଅଭିଯୋଗକାରୀଙ୍କୁ ମୋଟ ୯,୦୦୦/- ଟଙ୍କା ମଞ୍ଜୁର କରାଯାଇଛି। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଶ୍ରୀ ଦିଲ୍ଲୀପ ରାଉତରାୟ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ମନୋଜ ରାଉତ , ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶୁଭେନ୍ଦ୍ର ସାମଲ, ଉପ ଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ପ୍ରମୋଦ ପ୍ରହରାଜ , ବ୍ଲକ ଉନ୍ନୟନ ଅଧିକାରୀ ଶ୍ରୀ ଶିତାକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ନୀତି ବିରୋଧରେ ରାଜସ୍ୱ ବିଭାଗର ଶୂନ୍ୟ ସହନଶୀଳତା

ଭୁବନେଶ୍ୱର : ସମ୍ବଲପୁର ସଦର ତହସିଲ୍ ଅନ୍ତର୍ଗତ ସଦର୍ - ୪ ଆରଆଇ ସର୍କଲର ସହକାରୀ ରାଜସ୍ୱ ନିରୀକ୍ଷକ ଶ୍ରୀ ସୁରେନ୍ଦ୍ର ସା'ଙ୍କୁ ନିଲମ୍ବିତ କରାଯାଇଛି । ନିଲମ୍ବନ ସମୟ ମଧ୍ୟରେ ଶ୍ରୀ ସା' କୁଚିଣ୍ଡା ଉପଜିଲ୍ଲାପାଳଙ୍କ ଅଧୀନରେ ସଦର ମହକୁମା ମୁଖ୍ୟାଳୟରେ ଅବସ୍ଥାପିତ ହେବେ ଏବଂ ଉପରିସ୍ଥ ଅଧିକାରୀଙ୍କ ଅନୁମତି ବିନା ମୁଖ୍ୟାଳୟ ଛାଡିବେ ନାହିଁ ବୋଲି ନିର୍ଦ୍ଦେଶ ଜାରି କରାଯାଇଛି ।ସୂଚନାଯୋଗ୍ୟ ଯେ, ତହସିଲରେ ପ୍ରମାଣପତ୍ର ଯୋଗାଇ ଦେବା ପାଇଁ ସହକାରୀ ନିରୀକ୍ଷକ ତିନିହଜାର ଟଙ୍କା ଦାବି କରୁଥିବାର ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଏ ସମ୍ପର୍କିତ ଆପାତତଃ ତଥ୍ୟ ପରିପ୍ରେକ୍ଷୀରେ ଶ୍ରୀ ସୁରେନ୍ଦ୍ର ସା'ଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯିବା ନିମନ୍ତେ ସମ୍ବଲପୁର ଜିଲ୍ଲାପାଳ ନିର୍ଦ୍ଦେଶ ଜାରି କରିଛନ୍ତି । ପ୍ରକାଶ ଥାଉକି, କିଛି ଦିନ ପୂର୍ବରୁ ହିଁ ଶିକ୍ଷାନୁଷ୍ଠାନରେ ନାମଲେଖା ନିମନ୍ତେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆବେଦିତ ପ୍ରମାଣପତ୍ର ତ୍ୱରିତ ପ୍ରଦାନ କରିବା ନିମନ୍ତେ ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ତହସିଲକୁ ନିର୍ଦ୍ଦେଶ ଜାରି କରାଯାଇଥିଲା ।ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଗୁରୁତ୍ୱାରୋପ କରିବା ସହ ନାମଲେଖା ନିମନ୍ତେ ପ୍ରମାଣପତ୍ର ପ୍ରଦାନରେ କୌଣସି ବି ଛାତ୍ରଛାତ୍ରୀଙ୍କୁ ଯେପରି ଅସୁବିଧା ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ଗୁରୁତ୍ୱାରୋପ କରିବା ସହ ରାଜସ୍ୱ ବିଭାଗରେ କୌଣସି ପ୍ରକାର ଦୁର୍ନୀତି ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ।

# ଗଞ୍ଜାମ ଜିଲ୍ଲାକୁ ତିନି ପ୍ରତିଷ୍ଠିତ ଜାତୀୟ ପୁରସ୍କାର




ଛତ୍ରପୁର : ପୁଣିଥରେ ଦିଲ୍ଲୀରେ ଚମକିଛି ଗଞ୍ଜାମ ଜିଲ୍ଲା। ଜିଲ୍ଲାକୁ ମିଳିଛି ୩ଟି ପ୍ରତିଷ୍ଠିତ ଜାତୀୟ ପୁରସ୍କାର। ଜିଲ୍ଲାର ୨ଟି ପଞ୍ଚାୟତ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ପାଇଥିବା ବେଳେ ଗଞ୍ଜାମ ଜିଲ୍ଲା ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ପାଇବାର ଗୌରବ ହାସଲ କରିଛି। ସମଗ୍ର ରାଜ୍ୟରୁ ୪ଟି ପଞ୍ଚାୟତ ଏବଂ ଗୋଟିଏ ଜିଲ୍ଲା ଏହି ଜାତୀୟ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ସେଥିରୁ ୩ଟି ପୁରସ୍କାର ଏକାକୀ ଗଞ୍ଜାମ ଜିଲ୍ଲା ପାଇବାକୁ ସକ୍ଷମ ହୋଇଛି।

ପୋଲସରା ବ୍ଲକର ମନ୍ଦାର ପଞ୍ଚାୟତକୁ ଦେଶର ଦ୍ୱିତୀୟ ସର୍ବଶ୍ରେଷ୍ଠ 'ସାମାଜିକ ଭାବେ ନ୍ୟାୟପୂର୍ଣ୍ଣ ଓ ସୁରକ୍ଷିତ' ପଞ୍ଚାୟତ ଭାବେ ସ୍ୱୀକୃତି ମିଳିଥିବା ବେଳେ ଛତ୍ରପୁର ବ୍ଲକର ପୋଟଲାମପୁର ପଞ୍ଚାୟତ ଦେଶର ତୃତୀୟ ସର୍ବଶ୍ରେଷ୍ଠ ସୁସ୍ଥ ପଞ୍ଚାୟତ ପୁରସ୍କାର ପାଇପାରିଛି ସେହିପରି ଗଞ୍ଜାମ ଜିଲ୍ଲାକୁ ଦେଶର ଦ୍ୱିତୀୟ ସର୍ବଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ଭାବେ ପୁରସ୍କୃତ କରାଯାଇଛି।

ରାଜଧାନୀ ଦିଲ୍ଲୀରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀଙ୍କ ହସ୍ତରୁ ଗଞ୍ଜାମ ଜିଲ୍ଲା ପରିଷଦର ଅଧକ୍ଷା ଅଞ୍ଜଳି ସ୍ୱାଇଁ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ୱାସନ, ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଏପିଡି ବିଜୟ ବେହେରାଙ୍କ ସମେତ ପୋଲସରା ବିଡିଓ ଶଶିଭୂଷଣ ମହାପାତ୍ର, ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ପିଇଓ ରୋଜାଲିନ ବେହେରା, ମନ୍ଦାର ସରପଞ୍ଚ ସୁନିତା ଜେନା ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ବାଣୀ ସୁକାନ୍ତ ପ୍ରମୁଖ ଜିଲ୍ଲାବାସୀଙ୍କ ତରଫରୁ ଟ୍ରଫି, ମାନପତ୍ର ଓ ଅର୍ଥରାଶି ଗ୍ରହଣ କରିଛନ୍ତି ।ପୁରସ୍କାର ବାବଦରେ ଗଞ୍ଜାମ ଜିଲ୍ଲାକୁ ୩ କୋଟି ଟଙ୍କା, ମନ୍ଦାର ପଞ୍ଚାୟତକୁ ୩୭.୫୦ ଲକ୍ଷ ଟଙ୍କା ଓ ପୋଟଲାମପୁର ପଞ୍ଚାୟତକୁ ୨୫ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ମିଳିଛି। ଏହି ଐତିହାସିକ ସଫଳତା ଜନପ୍ରତିନିଧି, ପଞ୍ଚାୟତିରାଜ ଜନ ପ୍ରତିନିଧି, ଜିଲ୍ଲା ତଥା ସ୍ଥାନୀୟ ପ୍ରଶାସନ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସର୍ବୋପରି ଗଞ୍ଜାମବାସୀଙ୍କ ସାମୂହିକ ନିରନ୍ତର ଉଦ୍ୟମ ଓ ପାରସ୍ପରିକ ସହଯୋଗ ଫଳରେ ଗଞ୍ଜାମ ଜିଲ୍ଲାକୁ ଏହି ସର୍ବଭାରତୀୟ ଗୌରବ ମିଳିପାରିଛି ବୋଲି ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ୱାସନ କହିଛନ୍ତି।

ସମସ୍ତ ଶ୍ରେୟ ଜିଲ୍ଲାବାସୀଙ୍କର ବୋଲି ସେ କହିଛନ୍ତି। ଏହି ପୁରସ୍କାର ଜିଲ୍ଲାର ସମସ୍ତ ପଞ୍ଚାୟତକୁ ଆହୁରି ଅଧିକ ଜନମଙ୍ଗଳକାରୀ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିବ ବୋଲି ଜିଲ୍ଲାପାଳ ଆଶାବ୍ୟକ୍ତ କରିଛନ୍ତି।

ସ୍ଥାନୀୟ ଅଞ୍ଚଳରେ ବିକାଶ ଲକ୍ଷ୍ୟ ନେଇ ଭାରତ ସରକାର ୯ଟି ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି। ଏହି ମାନଦଣ୍ଡରେ ଉତ୍କୃଷ୍ଟତା ପ୍ରଦର୍ଶନ କରିଥିବା ହେତୁ ଗଞ୍ଜାମ ଜିଲ୍ଲାକୁ ଏହି ଜାତୀୟ ପୁରସ୍କାର ମିଳିପାରିଛି। ଆଗରୁ ମଧ୍ୟ ଗଞ୍ଜାମ ଜିଲ୍ଲା ସର୍ବଭାରତୀୟ ସ୍ତରରେ ବିଭିନ୍ନ ସମ୍ମାନଜନକ ପୁରସ୍କାର ପାଇଆସିଛି। ଗଞ୍ଜାମ ଜିଲ୍ଲା ତାହାର ପୂର୍ବ ସୁନାମକୁ ବଜାୟ ରଖିପାରିଛି ବୋଲି ଜିଲ୍ଲାପାଳ କହିବା ସହିତ ଗଞ୍ଜାମବାସୀଙ୍କୁ ଏକକ ପ୍ଲାଷ୍ଟିକ ବର୍ଜନ କରି ପ୍ରକୃତି ଓ ପରିବେଶକୁ ସମୃଦ୍ଧ କରିବା, ବ୍ୟାପକ ଚାରାରୋପଣ କରିବା, ସବୁବେଳେ ନୀତିନିୟମକୁ ମାନିବା, ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, ସାହିତ୍ୟ ଓ ସଂସ୍କୃତି ଆଦି ସମସ୍ତ କ୍ଷେତ୍ରରେ ଅଧିକରୁ ଅଧିକ ଭଲ କାମ କରି ଜିଲ୍ଲାର ସୁନାମକୁ ବିଶ୍ୱସ୍ତରକୁ ନେବା ପାଇଁ ସେ ଜିଲ୍ଲାବାସୀଙ୍କୁ ଏ ଅବସରରେ ଆହ୍ୱାନ କରିଛନ୍ତି। ଗଞ୍ଜାମ ଜିଲ୍ଲାକୁ ଏହି ଜାତୀୟ ପୁରସ୍କାର ମିଳିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ



ଭୁବନେଶ୍ୱର : ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବ ଗତ ମଇ ମାସରେ ତଥା ଅଦ୍ୟାବଧି ରାଜ୍ୟରବିଭିନ୍ନ ବିଭାଗ ସମ୍ପର୍କିତ ଉଲ୍ଲେଖନୀୟ କାର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ । ନୂଆଦିଲ୍ଲୀରେ ସଦ୍ୟ ଆୟୋଜିତ ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୫ରେ ଓଡ଼ିଶା ୫ଟି ଜାତୀୟ ପୁରସ୍କାର ହାସଲ କରିବା, ୨୦୨୫ ମସିହାରେ ଓଡ଼ିଶାକୁ ଅଧିକ ବିଦେଶୀ ପର୍ଯ୍ୟଟକଙ୍କ ପରିଦର୍ଶନ, ଶକ୍ତି ସଂରକ୍ଷଣ କ୍ଷେତ୍ରରେ 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା' ଅଧୀନରେ ଓଡ଼ିଶା ସରକାରଙ୍କ ଉଲ୍ଲେଖନୀୟ ଅଗ୍ରଗତିକୁ ମୁଖ୍ୟ ଶାସନ ସଚିବ ପ୍ରଶଂସା କରିଥିଲେ । ସେହିପରି ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ବିଭାଗ ପଦକ୍ଷେପରେ ଓଡ଼ିଶା ସରକାର ଏବଂ ଇଣ୍ଟେଲ୍, ଥ୍ରୀଡିଜିଏସ୍ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ଫଳରେ ରାଜ୍ୟର ଶିଳ୍ପ ଓ ପ୍ରଯୁକ୍ତିଗତ ବିକାଶ ସହ ବୃହତ୍ ନିବେଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଓଡ଼ିଶାର ବିଦ୍ୟୁତ୍ ଶକ୍ତି ସୁରକ୍ଷାରେ ଓପିଜିସିର ଉଲ୍ଲେଖନୀୟ ସଫଳତାକୁ ମଧ୍ୟ ମୁଖ୍ୟ ସଚିବ ପ୍ରଶଂସା କରିଥିଲେ ।

ବୈଠକରେ ମଇ ୨୦୨୬ ସୁଦ୍ଧା ବଜେଟ୍ ପ୍ରାବଧାନ ଅନୁସାରେ ରାଜ୍ୟର ବିଭିନ୍ନ ବିଭାଗର ଆର୍ଥିକ ପ୍ରଦର୍ଶନ ସଂପର୍କରେ ସମୀକ୍ଷା କରାଯାଇଥିଲା । ଅଦ୍ୟାବଧି ବିଭିନ୍ନ କାର୍ଯ୍ୟକ୍ରମ ବାବଦକୁ ବ୍ୟୟ ସହିତ ବିଭିନ୍ନ କ୍ଷେତ୍ରରୁ ମୋଟ ରାଜସ୍ୱ ଆଦାୟ ସଂପର୍କରେ ଆଲୋଚନା ହୋଇଥିଲା । ଜଳସଂପଦ ବିଭାଗ, ଗ୍ରାମ୍ୟ ଉନ୍ନୟନ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ , ହସ୍ତତନ୍ତ ବିକାଶ କ୍ଷେତ୍ର, ବାଣିଜ୍ୟ ଓ ପରିବହନ ବିଭାଗର ଖର୍ଚ୍ଚ ହାର ଗତ ବର୍ଷ ଏହି ସମୟ ତୁଳନାରେ ବୃଦ୍ଧି ଘଟିଛି । ରାଜସ୍ୱ ଆଦାୟ ବୃଦ୍ଧି, ଭିତ୍ତିଭୂମି ବିକାଶ ସଂପର୍କିତ ସମେତ ଅନ୍ୟ ସମସ୍ତ ବିଭାଗକୁ ଖର୍ଚ୍ଚ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି ।

ବୈଠକରେମାନ୍ୟବର ମୁଖ୍ୟମନ୍ତ୍ରୀ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଓ ପର୍ଯ୍ୟବେକ୍ଷଣ ପତ୍ର(ୟୁଓଆଇ ନୋଟ)ର କାର୍ଯ୍ୟାନୁଷ୍ଠାନ ବିବରଣୀକୁ ଅଗ୍ରାଧିକାର ଦେବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।ତତ୍ ସହିତ ଆଗାମୀ ଜୁନ୍ ୧୧ ତାରିଖରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୂଆ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ନୀତି ଆୟୋଗର ୧୧ ତମ ପରିଚାଳନା ପରିଷଦ ବୈଠକରେ ଆଲୋଚନା ହେବାକୁ ଥିବା ପ୍ରସଙ୍ଗରେ ରାଜ୍ୟ ସଂପର୍କିତ ବିଭିନ୍ନ ବିଭାଗର ତଥ୍ୟ ପ୍ରଦାନ କରିବାକୁ କୁହାଯାଇଛି ।ଏହି ବୈଠକରେ "ବିକଶିତ ଭାରତ ପାଇଁ ମାନବ ପୁଞ୍ଜି" ଥିମ୍ ସହିତ ପୂର୍ବରୁ ଅନୁଷ୍ଠିତ ୫ମ ମୁଖ୍ୟ ଶାସନ ସଚିବମାନଙ୍କ ବୈଠକର ପ୍ରସ୍ତାବ କାର୍ଯ୍ୟକାରିତା ସଂପର୍କିତ ଆଲୋଚନା ହେବ ।

ବୈଠକରେ ଓଡ଼ିଶା ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳ ଶାସନ ଓ ବିକାଶମୂଳକ ଉପଲବ୍ଧିକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହିତ ସରକାର ଓ ନାଗରିକଙ୍କ ମଧ୍ୟରେ ସଂଯୋଗକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଜ୍ୟବ୍ୟାପୀ ବିଭିନ୍ନ ଜନସମ୍ପର୍କ ଓ ଜନସଂପୃକ୍ତି କାର୍ଯ୍ୟକ୍ରମ ଆୟୋଜନ କରାଯିବା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା । ଏ ସଂପର୍କରେ ସୂଚନା ଓ ଲୋକ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୋଦୀଜୀଙ୍କ ସଂକଳ୍ପବଦ୍ଧ ନେତୃତ୍ୱ...

ରାଷ୍ଟ୍ରରୁ ଆମଦାନୀ କରି ଆମର ରିସ୍କ କମ୍ କରିଛୁ। ନିକଟରେ ୟୁଏଇ ସହ ହୋଇଥିବା ଚୁକ୍ତି ଅନୁଯାୟୀ, ଭାରତର ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ ପାଇଁ ୩୦ ମିଲିୟନ ବ୍ୟାରେଲ୍ କ୍ରୁଡ୍ ଅଏଲ୍ ସଞ୍ଚୟ କରାଯିବ, ଯାହାର ଏକ ବଡ଼ ଅଂଶ ଆମ ଓଡ଼ିଶାର ଚଣ୍ଡିଖୋଲଠାରେ ସଂରକ୍ଷିତ ରହିବ ।ସେମିକଣ୍ଡକ୍ଟର ଚିପ୍ ମେସିନ୍ ନିର୍ମାଣ କରୁଥିବା ବିଶ୍ୱପ୍ରସିଦ୍ଧ କମ୍ପାନୀ ଏମଏସଏମଏଲ (ନେଦରଲ୍ୟାଣ୍ଡ) ସହ ଭାରତର ବୁଝାମଣା ସେମିକଣ୍ଡକ୍ଟର କ୍ଷେତ୍ରରେ ଏକ ବଡ଼ ସଫଳତା।

ମୋଦୀଜୀଙ୍କ ଏହି ୧୨ ବର୍ଷ ହେଉଛି - "ଏଜ୍ ଅଫ୍ ଆବସିଲ୍ୟୁଟ୍ ଟ୍ରାନ୍ସଫରମେସନ୍ " ବା ପୂର୍ଣ୍ଣ ରୂପାନ୍ତରଣର ଯୁଗ। ଆମର ସବୁଠାରୁ ବଡ ସଫଳତା ହେଉଛି, ଆମେ ଆଉ ଲୋକାଲି (ସ୍ଥାନୀୟ) ଚିନ୍ତା ନକରି ଗ୍ଲୋବାଲି (ବିଶ୍ୱସ୍ତରୀୟ) ଚିନ୍ତା କରୁଛୁ ।ଓଡ଼ିଶାରେ ଆମ ସରକାର ଗଠନ ହେବା ପରେ, ଆମେ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ 'ସମୃଦ୍ଧ ଓଡ଼ିଶା' ଗଠନ ପାଇଁ ଦ୍ରୁତ ଗତିରେ କାର୍ଯ୍ୟ କରୁଛୁ। ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ କେନ୍ଦ୍ରୀୟ ଯୋଜନାଗୁଡ଼ିକ ଠିକ୍ ଭାବେ ଲାଗୁ ହେଉନଥିଲା, କିନ୍ତୁ ଏବେ ଉପଯୁକ୍ତ ସମନ୍ୱୟ କାରଣରୁ ପ୍ରତ୍ୟେକଟି ଯୋଜନାର ସୁଫଳ ଓଡ଼ିଶାବାସୀଙ୍କ ପାଖରେ ସିଧାସଳଖ ପହଞ୍ଚୁଛି ।'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ' - ଏହି ମହାନ ସଂକଳ୍ପ ଆଜି ଦେଶର ଶେଷ ଧାଡ଼ିରେ ଠିଆ ହୋଇଥିବା ଗରିବ, ଆଦିବାସୀ, ମହିଳା ଓ ଯୁବବର୍ଗଙ୍କ ପାଖରେ ସେମାନଙ୍କର ଅଧିକାର ପହଞ୍ଚାଇ ପାରିଛି।

Printed, Published, edited and owned by Ipsita Pati, published from Plot No-214/A, Sahid Nagar, Bhubaneswar, PIN- 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, PIN- 751014, Khurda, Odisha. email: pratishabda7@gmail.com

Editor- Ipsita Pati | ସମ୍ପାଦିକା: ଇପ୍‌ସିତା ପତି